Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 246
Saturday, 14 November 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୧୪ ନଭେମ୍ବର, ୨୦୨୬
ପୃଷ୍ଠା: ୮, ମୂଲ୍ୟ: ୨ଟଙ୍କା
Seitho Arambha
Seithoarambha
www.seithoarambha.com

ସୈତ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



କୁଡୁମି ଜାତି ହେଉଛନ୍ତି ଭୂମିର ସନ୍ତାନ : ମୁଖ୍ୟମନ୍ତ୍ରୀ

ବୁବନେଶ୍ୱର, ୧୩/୧୧ (ଆ.ପ୍ର) : ମୟୂରଭଞ୍ଜ ଜିଲ୍ଲାର ଆଜୁଆଡ଼ାଠାରେ ଆଜି ଆୟୋଜିତ 'ଜାତୀୟ ବାନ୍ଦନା ପରବ – ୨୦୨୬'ର ସାଂସ୍କୃତିକ ମହାମିଳନ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଡୁମୀ ସମାଜର ପ୍ରାଚୀନ ପରମ୍ପରା, କର୍ମଠତା ଏବଂ ପ୍ରକୃତି ପ୍ରେମର ଭୂୟ ପ୍ରଶଂସା କରିଛନ୍ତି । ଏହି ପର୍ବରେ ଅତୀତରେ ମୁଖ୍ୟମନ୍ତ୍ରୀ କୁଡୁମୀ ସମ୍ପ୍ରଦାୟର ସମସ୍ତ ମା', ଭାଇ ଓ ଭଉଣୀମାନଙ୍କୁ 'ବାନ୍ଦନା ପରବ'ର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ରାଜ୍ୟର ସର୍ବ ସମାଜଦେଶୀ ବିକାଶ ମଡେଲରେ କୁଡୁମୀ ସମାଜର ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ଏବଂ ସାଂସ୍କୃତିକ ବିକାଶ ପାଇଁ ସରକାର ସବାଙ୍ଗୀଣ ବଦ୍ଧପରିକର ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ବାନ୍ଦନା କେବଳ ଏକ ପର୍ବ ନୁହେଁ, ବରଂ ଏହା ପ୍ରକୃତି, ମାଟି, ଗୋଧନ ଏବଂ ମାନବୀୟ ସମ୍ପର୍କର ଏକ ଜୀବନ୍ତ କାବ୍ୟ । ପ୍ରକୃତିର ପୂଜା, କୃଷି ସଂସ୍କୃତିର ଆରାଧନା ଏବଂ ମାଟି ପ୍ରତି ଆନୁଗତ୍ୟର ଏହି ନିଖାଣ ଆମ ସଂସ୍କୃତିର ଆତ୍ମା । ସେ ଆହୁରି ମଧ୍ୟ କହିଛନ୍ତି ଯେ, କୁଡୁମୀ ଜାତି କେବଳ ଭୂମିର ସନ୍ତାନ ନୁହଁନ୍ତି ବରଂ ଭୂମିର ସମ୍ପଦର ମଧ୍ୟରେ ଥିବା ଭାଇଚାରାକୁ ପ୍ରଜ୍ୱଳିତ କରି ଶ୍ରୀ ମାଝୀ କହିଥିଲେ ଯେ ଆମ ଆଦିବାସୀ ସଂସ୍କୃତିରେ ଭାଇଚାରା ସବୁଠାରେ ପ୍ରଥମ ସ୍ଥାନରେ ରହିଆସିଛି । ବାଲାଜାନକୁ ନିଜ ଗାଁରେ କୁଡୁମୀ ପରିବାରଗୁଡିକ ସହ ଦଣ୍ଡିପଡା ପୃଥିବୀ ପାଇଲିଥିବାବେଳେ ବାଡିପଦା ଓଡ଼ିଶାର କୁଡୁମୀମାନଙ୍କର ଅଯୋଷିତ ରାଜଧାନୀ ଭାବେ ପରିଚିତ ହୋଇଛି । ଏକ ସ୍ୱାଭିମାନୀ, ବିଶ୍ୱସ୍ତ ଓ ରାଷ୍ଟ୍ରଭକ୍ତ ଜାତି ଭାବେ କୁଡୁମୀମାନେ ସଂଘର୍ଷରୁ ସଫଳତା ହାସଲ କରିଥିବାରେ ବିଶ୍ୱାସ କରନ୍ତି ଏବଂ ଆଜି କୃଷି ସହିତ ଜଡିତଥିବା ଓ ଚାକିରି କ୍ଷେତ୍ରରେ ମଧ୍ୟ ନିଜର ପାରଦର୍ଶିତା ପ୍ରତିପାଦନ କରୁଛନ୍ତି । ସେହିପରି କୁଡୁମୀମାନେ ଆଦିବାସୀ ଚାଲିରାଲୁଲୁ କରିବା ଏବଂ କୁଡୁମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଦୀର୍ଘ ଦିନରୁ ଚାଲିଆସୁଥିବା ଦାବି ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ । ବାନ୍ଦନା ପରବ ଓ ଅନ୍ୟାନ୍ୟ ପାରମ୍ପରିକ ପର୍ବପର୍ବାଣୀର ମାଧ୍ୟର୍ଯ୍ୟ ବର୍ଦ୍ଧନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୋ-ଜାତି ପ୍ରତି ସମ୍ମାନ ଓ କୃତଜ୍ଞତା ଅର୍ପଣ ପାଇଁ ଆତ୍ମାନାନ ଲାଳରୁ ଗୋଠ ପୂଜା, ଗୁହାଳ ପୂଜା ଓ ଗୋରୁ ବାନ୍ଦନା ଆଦି ପାଳନ କରାଯାଇଆସୁଛି । ଏହା ସହିତ କରମ ପର୍ବ ମାଧ୍ୟମରେ କରମ ଗଛକୁ ପୂଜା କରି ଏହି ସମାଜ ସାରା ବିଶ୍ୱକୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେଉଥିବା ବେଳେ ଦୁଆଦେବୀଙ୍କ ଡାଉଦ୍‌ର ଗାଥା କୁଡୁମୀ ମହିଳା ଓ ଝିଅମାନଙ୍କ ପାଇଁ ପ୍ରେରଣାର ଉତ୍ସ ଯୋଇଥିବାର ସେ ଉଲ୍ଲେଖ କରିଥିଲେ । ଏହି ସାଂସ୍କୃତିକ ମହାମିଳନ ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସରକାରୀ ଉଦ୍ୟୋଗ ମନ୍ତ୍ରୀ ଭକ୍ତ କୁଷ୍ଣଚନ୍ଦ୍ର ମହାପାତ୍ର କୁଡୁମୀ ସମାଜର ସାମାଜିକ ଏକତା ଓ ଅଂଚଳର ବିକାଶ ଚାରେର ଗୁରୁତ୍ୱାରୋପ କରିଥିଲେ । ସେହିପରି ଲଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କୁଡୁମୀ ସମାଜର ପ୍ରଗତିକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଚାରୁଲତା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ପୂର୍ବତନ ରାଜ୍ୟସଭା ସାଂସଦ ମମତା ମାଝୀ, ବରିଷ୍ଠ ବିଧାୟକ ସଗାରେନ ବିରୁଲି ।





ଗୁଆହାଟୀ, ୧୩/୧୧ (ନ୍ୟୁ.ଏ): ଆସାମର ଜାଜିରଙ୍ଗା ନିକଟସ୍ଥ ରଙ୍ଗାଜାନଠାରେ ଆଜି ଅପରାହ୍ନରେ ଏକ ଟ୍ରକ୍ ଓ ମିନିବସ୍ ମଧ୍ୟରେ ମୁହାଁମୁହିଁ ଜାଖଣ୍ଡ ଧକ୍କା ହେବା ଫଳରେ ଅତି କମରେ ୨୪ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଆଉ ୭ ଜଣ ଗୁରୁତର ଆହତ ହୋଇଛନ୍ତି । ଦୋକାଖାତରୁ ନଗାଁଓ ଅଭିମୁଖେ ଯାଉଥିବା ଏହି ମିନିବସ୍‌ଟି ଏକ ଲଟ୍‌ଟନର ଟ୍ରକ୍ ଧକ୍କା ଦେବା ଫଳରେ ଏହି ଦୁର୍ଘଟଣା ଘଟିଛି । ଆହତ ଯାତ୍ରୀମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି । ଗୋଲାଘାଟ ଜିଲ୍ଲାର ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ କହିଛନ୍ତି ଯେ ଡାକ୍ତରମାନେ ୨୪ ଜଣଙ୍କ ମୃତ୍ୟୁ ଘୋଷଣା କରିଛନ୍ତି ଏବଂ ମୃତକମାନଙ୍କ ପରିଚୟ ନିର୍ଣ୍ଣୟ ପ୍ରକ୍ରିୟା ଜାରି ରହିଛି । ଏହି ଧକ୍କା ଏତେ ଜୋରଦାର ଥିଲା ଯେ ମିନିବସ୍‌ଟି ଭାଙ୍ଗିଗୁଡ଼ି ଦୁରମାର ହୋଇଯାଇଛି ଏବଂ ଅନେକ ଯାତ୍ରୀ କ୍ଷତିଗ୍ରସ୍ତ ଗାଡ଼ି ଭିତରେ ଚାପି ହୋଇ ରହିଥିବାର ଜଣାପଡିଛି । ଖବର ପାଇ ପୁଲିସ କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରୁ ପଡି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ଆରମ୍ଭ କରିଥିଲେ । ଦୁର୍ଘଟଣାରେ ଆହତ ଯୋଇଥିବା ଯାତ୍ରୀମାନଙ୍କୁ ତିଜିଆ ପାଇଁ କୋହୋରା ମତେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ ଜାତୀୟ ଉଦ୍ୟାନ ନିକଟରେ ଖାସ୍ତ ହୋଇଥିବା ଗତି କଟକଣାକୁ ଉଲ୍ଲଂଘନ କରି ମିନିବସ୍ ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବା ଫଳରେ ଏହା ଲଟ୍‌ଟନର ଟ୍ରକ୍ ସହ ଧିକି ଦୁର୍ଘଟଣା ଘଟିଥିବା ପ୍ରାଥମିକ ଭାବେ ଅନୁମାନ କରାଯାଉଛି । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସେ କହିଛନ୍ତି ଯେ ଆଜି ସକାଳେ ଜାଜିରଙ୍ଗାରେ ଘଟିଥିବା ଏହି ମର୍ମନ୍ତୁଦ ଦୁର୍ଘଟଣା ଡାକୁ ଗଭୀର ଭାବେ ବ୍ୟଥିତ କରିଛି ଏବଂ ଏହି କ୍ଷତି ସମସ୍ତଙ୍କୁ ବୋଇଲାଇ ଦେଇଛି । ଏହି ଦୁଃଖଦ ସମୟରେ ସମସ୍ତ ଆଘାତ ପାଇଥିବା ପରିବାର ସହ ଛିଡ଼ା ହୋଇଥିବା ବୋଲି ସେ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆହତମାନଙ୍କୁ ତୁରନ୍ତ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ବର୍ତମାନ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ପ୍ରତିଶ୍ରୁତି ମତୀ ରାଜନାଥ ସିଂହ ମଧ୍ୟ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରି ଏହା ହୃଦୟବିଦାରକ ବୋଲି କହିଛନ୍ତି । ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ଏବଂ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ରାଂଚି ଜେଲ୍‌ରେ କଏଦୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ

ରାଂଚି, ୧୩/୧୧ (ନ୍ୟୁ.ଏ): ଝାଡ଼ଖଣ୍ଡର ରାଂଚିସ୍ଥିତ ବିର୍ଶା ମୁଣ୍ଡା କେନ୍ଦ୍ରୀୟ କାରାଗାରରେ ଜଣେ ବିଚାରାଧୀନ କଏଦୀଙ୍କୁ ବାରମ୍ବାର ଯୌନ ନିର୍ଯାତନା ଦିଆଯିବା, ମାଡ଼ ମରାଯିବା ଏବଂ ଖିଆଉଦ୍ୟ ସେବନ କରିବାକୁ ବାଧ୍ୟ କରାଯିବା ଭଳି ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଏହି ଘଟଣାରେ ଜେଲ୍ ଅଧ୍ୟାକ୍ଷଙ୍କ ସମେତ ୧୯ ଜଣଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି । ପାଡ଼ିତଙ୍କ ବାପା ଜାଭେୟର ୨୨ରେ ଖେଳଗାଁ ଆନାରେ ଏତଲା ଦେଇଥିଲେ । ଏଥିରେ ଜେଲ୍ ଅଧୀକ୍ଷକ, ଡ୍ୟାର୍ ଇନ୍‌ଚାର୍ଜ ଏବଂ ଜେଲ୍ ହସ୍ପିଟାଲର ଡିଟିମା କର୍ମଚାରୀଙ୍କ ସମେତ ୧୯ ଜଣଙ୍କ ନାମ ଉଲ୍ଲେଖ କରାଯାଇଛି । ସେମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୧୨୬(୨), ୧୧୫(୨), ୩୫୧, ୩୫୨ ଏବଂ ୬୧(୨) ଅନୁଯାୟୀ ମାମଲା ରୁଜୁ ହୋଇଛି । ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ପାଡ଼ିତଙ୍କ ବାପା ଦାବି କରିଛନ୍ତି । ଏତଲା ଅନୁଯାୟୀ, ଜେଲ୍‌ରେ ରହିବା ସମୟରେ ଯୁବକ ଜଣକ ବିଡିଟି ପୃଥକ୍ ଘଟଣାରେ ଯୌନ ନିର୍ଯାତନାର ଶିକାର ହୋଇଥିଲେ । ଜୁନ୍ ୧୨ ତାରିଖ ରାତିରେ କିଛି କଏଦୀ ତାଙ୍କୁ ଶାନ୍ତି ପିନ୍ଧାଇବା ସହ ମୁହଁରେ ମେକ୍‌ଅପ୍ ଲଗାଇ ମହିଳାଙ୍କ ଭଳି ସଜାଇଥିଲେ । ଏହାପରେ ତାଙ୍କୁ ଏକ ତରଳ ପଦାର୍ଥ ପିଇବାକୁ ବାଧ୍ୟ କରାଯାଇଥିଲା । ଏହା ପିଇବା ପରେ ସେ ଚେତାଶୂନ୍ୟ ହୋଇଯାଇଥିବା ଏତଲାରେ ଦର୍ଶାଯାଇଛି । ପରେ ତାଙ୍କୁ ୩ ନମ୍ବର ଡ୍ୟାର୍ଡ଼କୁ ନିଆଯାଇ ସେଠାରେ ଏକାଧିକ ବ୍ୟକ୍ତି ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି ।

ସରକାର ମୋ ଫୋନ୍ ଟ୍ୟାପିଂ କରୁଛନ୍ତି : ରାହୁଲ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଫୋନ୍ ଟ୍ୟାପ୍ କରୁଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ । ଅଭିଯୋଗ ଅନୁଯାୟୀ ତାଙ୍କ ଫୋନ୍‌ରେ ମୋଦୀଙ୍କ ବେଶେରିଗୋଧୀ କାର୍ଯ୍ୟକଳାପ ଓ ବିଦେଶୀ ଶକ୍ତିଙ୍କ ପ୍ରଭାବ ସମ୍ପର୍କିତ ଅଭିଯୋଗର ପ୍ରମାଣ ରହିଛି ଏବଂ ପ୍ରଧାନମନ୍ତ୍ରୀ ଏହା ଜାଣିଛନ୍ତି । ସେଥିପାଇଁ ସେ ତାଙ୍କ ଫୋନ୍ ଟ୍ୟାପ୍ କରୁଛନ୍ତି । ଶୁକ୍ରବାର ନଭେମ୍ବର ୧୩ାରେ କଂଗ୍ରେସ ପକ୍ଷରୁ ସାମାଜିକ ଗଣମାଧ୍ୟମ 'ଏକ୍'ରେ ପ୍ରକାଶିତ ଏକ ରିଡିଓରେ ରାହୁଲ ଏହି ଅଭିଯୋଗ କରିବା ସହ ମୋଦୀଙ୍କୁ ସାମ୍ବାଦିକ ବୈଠକ ପାଇଁ ପୁଣି ଆହ୍ୱାନ ଦେଇଛନ୍ତି । ରାହୁଲ କହିଛନ୍ତି, ପ୍ରଧାନମନ୍ତ୍ରୀ ତାଙ୍କ ଫୋନ୍ ଟ୍ୟାପ୍ କରୁଥିବାରୁ ଏଥିରେ ଥିବା ସମସ୍ତ ତଥ୍ୟ ସମ୍ପର୍କରେ ସେ ଅବଗତ । ମୋଦୀ ଯେଉଁଦିନ ତାଙ୍କ ସହ ସାମ୍ନାସାମ୍ନି ବିତର୍କ ପାଇଁ ରାଜି ହେବେ, ସେଦିନ ସେଗୋମାନେ ବିଦେଶୀ ଶକ୍ତିଙ୍କ ନିୟନ୍ତ୍ରଣରେ ଆଉନ୍ତି, କିଏ ବେଶେରିଗୋଧୀ କାର୍ଯ୍ୟରେ ଜଡ଼ିତ ଏବଂ କେତେ ଦିନ ଧରି ଏଭଳି କାର୍ଯ୍ୟ ଚାଲିଛି, ତାହା ସାମ୍ନାକୁ ଆସିବ । ତାଙ୍କର ଏହି ଆହ୍ୱାନ ଯେକୌଣସି ସ୍ଥାନରେ ଓ ଯେକୌଣସି ସମୟରେ ଗ୍ରହଣ କରିବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି । ଏହା ପୂର୍ବରୁ ଶୁକ୍ରବାର ରାହୁଲ ଲକ୍ଷ୍ମୀଗ୍ରାମରେ ଏକ ପ୍ରକ୍ତେଡର କାର୍ଯ୍ୟକ୍ରମରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ । ସଂସଦରେ ବିତର୍କର ସୁଯୋଗ ଥିବାବେଳେ ସେ କାହିଁକି ସ୍ୱତନ୍ତ୍ର ବିତର୍କ ପାଇଁ ଚାହୁଁଛନ୍ତି ବୋଲି ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ ଲୋକସଭାରେ ତାଙ୍କୁ ମତ ରଖିବାକୁ ଦିଆଯାଉ ନାହିଁ ଏବଂ ତାଙ୍କ ମାଇକ୍ରୋଫୋନ୍ ବନ୍ଦ କରିଦିଆଯାଇଛି । କୃଷି ଆଇନ, ନିର୍ବାଚନରେ ଭୋଟ୍ ଚୋରି ଅଭିଯୋଗ, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର), ଚୀନ, ପୂର୍ବତନ ସେନାମୁଖ୍ୟ ଜେନେରାଲ୍ ଏମ୍.ଏମ୍. ନରବଣେଙ୍କ ପୁସ୍ତକ ଏବଂ ଜେପ୍ପି ଏପ୍‌ଷ୍ଟିନ୍ ପ୍ରସଙ୍ଗରେ ତାଙ୍କୁ କହିବାକୁ ଦିଆଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି । ବିତର୍କରେ ମୋଦୀ ଗୋଟିଏ ପଟେ ଓ ସେ ଅନ୍ୟ ପଟେ ବସି ପରସ୍ପରକୁ ପ୍ରଶ୍ନ କରିବାକୁ ରାହୁଲ ପ୍ରସ୍ତାବ ଦେଇଛନ୍ତି । ଶିଖଦଙ୍ଗି ଗୌତମ ଆଦାନୀ କିମ୍ବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ବିତର୍କର ବିଚାରକ ହେଲେ ମଧ୍ୟ ତାଙ୍କର ଆପତ୍ତି ନାହିଁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ, ରାହୁଲଙ୍କ ବିତର୍କ ଆହ୍ୱାନକୁ ବିଜେପି ନେତାମାନେ ପୂର୍ବରୁ ପ୍ରତ୍ୟାଖ୍ୟାନ କରିଆସିଛନ୍ତି ।



ଡିସେମ୍ବର ୧୨ରେ ପ୍ରଥମଥର ରାମ ମନ୍ଦିର ଯିବେ ଅଖିଳେଶ

ଲକ୍ଷ୍ନୌ, ୧୩/୧୧ (ନ୍ୟୁ.ଏ): ଉତରପ୍ରଦେଶର ରାଜନୀତିରେ ଏବେ ଚର୍ଚ୍ଚାର କେନ୍ଦ୍ର ପାଇଛି ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବଙ୍କ ଅଯୋଧ୍ୟା ଗସ୍ତ । ଆସନ୍ତା ଡିସେମ୍ବର ୧୨ରେ ସେ ରାମ ମନ୍ଦିର ଯିବା ପ୍ରାୟ ନିଶ୍ଚିତ ହୋଇଥିବା ସତ୍ତେତ ଦେଇଛନ୍ତି । ଶୁକ୍ରବାର ଲକ୍ଷ୍ନୌସ୍ଥିତ ବଜାୟ କାର୍ଯ୍ୟାଳୟରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଅଖିଳେଶ କହିଛନ୍ତି ଯେ ଗସ୍ତର ତାରିଖ ନିର୍ଦ୍ଧାରଣ ପାଇଁ ପ୍ରାକୃତ ସମ୍ପ୍ରଦାୟର ଅନେକ ସଦସ୍ୟଙ୍କ ସହ ପରାମର୍ଶ କରାଯାଇଛି । ଏଥିରେ ଡିସେମ୍ବର ୧୨ରେ ଅଖିଳେଶ ଯିବେ । ତାଙ୍କ ସହ ପତ୍ନୀ ତଥା ସାଂସଦ ଡିମ୍ପଲ ଯାଦବ ମଧ୍ୟ ରହିବେ । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଏହି ଦିନ ଅଯୋଧ୍ୟା ଯିବେ । ତାଙ୍କ ସହ ପତ୍ନୀ ତଥା ସାଂସଦ ଡିମ୍ପଲ ଯାଦବ ମଧ୍ୟ ରହିବେ । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ନିବେଦିକା ମନୋରମା ମହାନ୍ତିଙ୍କ ସୂତ୍ରନା ଅନୁଯାୟୀ, ବାବ୍ୟାଟି ଜେଲ୍ଲ ଉପକୂଳ ଆଡ଼କୁ ମୁହାଁଇବ, ସେମାନେ ବର୍ତମାନ ସ୍ପଷ୍ଟ ଆକଳନ କରିବା ସମୟ ନୁହେଁ । ଏହା ସମ୍ପୂର୍ଣ୍ଣ ରୂପେ ଅବସାଦରେ ପରିଣତ ହେବା ପରେ ହିଁ ଏହାର ସଠିକ୍ ଗତିପଥ ସ୍ପଷ୍ଟ ହେବ । ତଥାପି, ଆଜୁଆ ସତର୍କତା ସ୍ୱରୂପ ୧୭ ତାରିଖରେ ବିଶେଷକରି ଦକ୍ଷିଣ ଓଡ଼ିଶା ଉପକୂଳରେ ପାଗ ଖରାପ ରହିବା ସହ ସଂଟମ୍ପତି ୪୫ରୁ ୫୫ କିମି ଏବଂ ଝଟକା ପବନ ୬୫ କିମି ବେଗରେ ବହିପାରେ । ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ଜରୁରୀ ପରାମର୍ଶ ଦିଆଯାଇଛି । ଅନ୍ୟପଟେ ରାଜ୍ୟରେ ଆସୁଥିବା ୫ ଦିନ ଯାଏଁ ରାତ୍ରି ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବାର ନାହିଁ, କିନ୍ତୁ ୧୮ ତାରିଖରୁ ରାତି ତାପମାତ୍ରା ୧ରୁ ୨ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଗତ୍ୟାଦ୍ୟରେ ବସିବ ବୈଠକ । ରାଜ୍ୟର ପରିସ୍ଥିତି ବିରାଜର ବିପର୍ଯ୍ୟୟ ପରିଚାଳନା ଅଧିକାରୀଙ୍କୁ ନେଇ ହେବ ବୈଠକ । ମୁକାବିଲା ପାଇଁ ସରକାର ପ୍ରସ୍ତୁତ । ପ୍ରାଥମିକ ଆକାଳନ ଅନୁଯାୟୀ ପବନର ଗତି ୪୦ରୁ ୫୦ କିମି ହେବ । ଓଡ଼ିଶାରେ ଏହାର ପ୍ରଭାବ କେତେ ପଡିବ ତାର ଆକଳନ କରିବ IMD । ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ' IMDରୁ ଆସିଥିବା ରିପୋର୍ଟକୁ ଅଧ୍ୟୟନ କରୁଛୁ । ଅବପାତ ହେଲା ପରେ କେତେ କିଲୋମିଟର ଯିବ, କେଉଁ ଦିଗକୁ ଯିବ ସ୍ୱାଭାବିକ ଭାବେ ଡଙ୍ଗୋପସାଗରରେ ଲଘୁଚାପ ହେଲେ କେଉଁଠି ହିଟ୍ କରିବ ରିପୋର୍ଟକୁ ଅଧ୍ୟୟନ କରୁଛୁ । ଆଜି ସନ୍ଧ୍ୟା ଜିମା ଆସରାକାଣି ସୁଦ୍ଧା ସ୍ପଟ ହେବ ଗତିପଥ ଏବଂ ତୀବ୍ରତାର ଏରିଆ । କିନ୍ତୁ ଉପକୂଳ ଜିଲ୍ଲାକୁ ପ୍ରଭାବ ପଡିପାରେ ବୋଲି ଉପକୂଳ ଜିଲ୍ଲାମାନଙ୍କୁ ଆଲର୍ଟ କରାଯାଇଛି ।'



ମାଡ଼ି ଆସୁଛି ନୂଆ ସମ୍ଭାବ୍ୟ ବାତ୍ୟା 'ଅକବାନ୍'



ବେଙ୍ଗାଲୁରୁ ମେଟ୍ରୋର ପିଙ୍କ୍ ଲାଇନ୍‌ର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ବେଙ୍ଗାଲୁରୁ, ୧୩/୧୧ (ନ୍ୟୁ.ଏ): ବେଙ୍ଗାଲୁରୁବାସୀଙ୍କ ପାଇଁ ମେଟ୍ରୋ ଜେଜେ ସେବାର ଆଉ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ବେଙ୍ଗାଲୁରୁ ମେଟ୍ରୋର ପିଙ୍କ୍ ଲାଇନ୍ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡି କେ ଶିବକୁମାରଙ୍କ ସହ ପ୍ରଧାନମନ୍ତ୍ରୀ ମେଟ୍ରୋ ଟ୍ରେନ୍‌ରେ ଯାତ୍ରା ମଧ୍ୟ କରିଛନ୍ତି । ଉଭୟ ନେତା ଟିକେଟ୍ କାଉଂଟରରୁ ଟିକେଟ୍ କିଣିବା ପରେ ଟ୍ରେନ୍‌ରେ ଯାତ୍ରା କରିଥିଲେ । ନିଜେ ଡିକେ ଶିବକୁମାର ଏନେଇ ଏକ ପୋଷ୍ଟ କରିଛନ୍ତି । ଯାତ୍ରାରେ କର୍ଣ୍ଣାଟକ ରାଜ୍ୟପାଳ ସୁଧା ସାହତ, ସାଂସଦ ତେଜସ୍ୱୀ ସୂର୍ଯ୍ୟ ଏବଂ ମନ୍ତ୍ରୀ କେ.ବି. ଗୋପ୍ପା ମଧ୍ୟ ସାମିଲ ହୋଇଥିବେ ବୋଲି ସେ କହିଛନ୍ତି । ନଭେମ୍ବର ୧୪ ତାରିଖ ସଞ୍ଜାଜ ୬ଟାରୁ ନଚ୍ଚା ମେଟ୍ରୋର ନୂତନ ରେକପଥ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ । ଏହି ନୂତନ ଲାଇନ୍ ଆରମ୍ଭ ହେବା ପରେ ବେଙ୍ଗାଲୁରୁରେ ଚାଲିଥିବା ମେଟ୍ରୋ ନେଟୱର୍କ ୧୦୩.୬ କିଲୋମିଟରରେ ପହଂଚିବ

ସମ୍ବାଦ
ଆରମ୍ଭ
SEITHO ARAMBHA
ଶନିବାର, ୧୪ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଘୁଗୁଡ଼ିପଡ଼ା ପଂଚାୟତରେ କଳାକାର ଓ ସାଂସ୍କୃତିକ କର୍ମୀଙ୍କ ବୈଠକ



ଦଶପଲ୍ଲା, ୧୩/୧୧ (ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୁଗୁଡ଼ିପଡ଼ା ପଂଚାୟତର ପାଣିଟାଙ୍କି ନିକଟସ୍ଥ ଖେନପଡ଼ିଆରେ ଆଜି ଅପରାହ୍ନ ୧ଟା ସମୟରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା । ସଭାପତି ଯୁଗଳ କିଶୋର ବଜଦେହେରା, ଉପସଭାପତି ସୁଦେଶ୍ୱର ପ୍ରଧାନ, ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ ଓ ସଂଯୋଜକ ବିଜୟ ବେରନ୍ତ ଶତପଥୀଙ୍କ ନେତୃତ୍ୱରେ ସରାଜାର୍ଯ୍ୟ ପରିଚାଳିତ ହୋଇଥିଲା । ଏହି ସଭାରେ ପଂଚାୟତ ଅନ୍ତର୍ଗତ ୨୨ଟି ଗ୍ରାମରୁ ଦୁଇଜଣ ଲେଖାଏଁ ମୁଖ୍ୟ କର୍ମୀ ଯୋଗଦେଇଥିଲେ । ସେମାନଙ୍କ କଳାକାରମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବା ଉପରେ ଆଲୋଚନା ହୋଇଥିଲା । ଏଥିସହ ଲୋକକଳା ଓ କଳାକାରଙ୍କ ଉନ୍ନତି, ସୁରକ୍ଷା ଏବଂ ସେମାନଙ୍କୁ ଉପଯୁକ୍ତ ସୁଯୋଗ ପ୍ରଦାନ ନିମନ୍ତେ ତତ୍ଜାଳୀନ ତବଜ ଲଞ୍ଜିନ ସରକାରଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିବା ସୂଚନା ମିଳିଛି ।

ଦେଶୀ ମଦ ଜବତ, ଜଣେ ଅଭିଯୁକ୍ତ କୋର୍ଟ ଚାଲାଣ



ଦଶପଲ୍ଲା, ୧୩/୧୧ (ଆ.ପ୍ର) : ବାଣିଗୋଛା ଥାନା ପୋଲିସ ପକ୍ଷରୁ ତତ୍ପର କରାଯାଇ ୨୫ ଲିଟର ଦେଶୀ ମଦ ଜବତ କରାଯିବା ସହ ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁଯାୟୀ, ଗତ ୧୧ ତାରିଖ ସନ୍ଧ୍ୟା ପ୍ରାୟ ୬ଟା ୩୦ ମିନିଟ୍ ସମୟରେ ବାଣିଗୋଛା ଥାନା ଅଧୀନ ଗୁରୁହା ଗ୍ରାମରେ ଅଭିଯୁକ୍ତ ନାରାୟଣ ବେହେରା (୩୬)ଙ୍କ ଘରେ ପୁଲିସ ତତ୍ପର କରାଯାଇଥିଲା । ଏହି ସମୟରେ ତାଙ୍କ ନିକଟରୁ ୨୫ ଲିଟର ଅବୈଧ ଦେଶୀ ମଦ ଜବତ କରାଯାଇଥିଲା । ବାଣିଗୋଛା ଥାନା ଅଧିକାରୀ ଶିବ ପ୍ରସାଦ ଉତ୍ତ ଙ୍କ ନିର୍ଦ୍ଦେଶକ୍ରମେ ସନ୍ଧ୍ୟାକାଳୀନ ପାଟ୍ରୋଲିଂ ସମୟରେ ଏଏଏସ୍ଆଇ ଦଣ୍ଡପାଣି ଦାଶ ଏହି ଦେଶୀ ମଦ ଜବତ କରିଥିଲେ । ଏନେଇ ବାଣିଗୋଛା ଥାନାରେ କେସ୍ ନଂ ୧୫୦/୨୦୨୬, ଓଡ଼ିଶା ଅବକାରୀ ଆଇନର ଧାରା ୫୨(କ)(ସ) ଅନୁଯାୟୀ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ନାରାୟଣ ବେହେରାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମାମଲାର ତଦନ୍ତ ଏଏସ୍ଆଇ ବିରେନ୍ଦ୍ର କୁମାର ବେହୁରା କରୁଛନ୍ତି ।

ପରିବର୍ତ୍ତନ ନିଶାମୁକ୍ତି କେନ୍ଦ୍ରରୁ ଇଞ୍ଜିନିଅର ପାଠ୍ୟକ୍ରମରେ ନାମଲେଖା, ଏକ ଉଦାହରଣ



ଟାଙ୍ଗୀ ଚୌଦ୍ୱାର, ୧୩/୧୧ (ଆ.ପ୍ର) : କଟକ ଜିଲ୍ଲା ଚୌଦ୍ୱାର ଅଂଚଳରେ ଓଡ଼ିଶାର ସର୍ବ ପ୍ରଥମ ନାବାଳକ କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ୨୦୨୨ ମସିହାରେ ଦେୱମୁଣ୍ଡା ସେବା ଆରମ୍ଭ ହୋଇଥିଲା । ଏହି କେନ୍ଦ୍ରର ବର୍ତ୍ତମାନ ସୁଦ୍ଧା ୧୨୫ ଜଣ ନାମ ଲେଖାଇଥିବା ବେଳେ ୮୩ ଜଣ ନିଶାମୁକ୍ତ ହୋଇ ସୁସ୍ଥ ଓ ନିରାମୟ ଜୀବନ ବିତାଇ ବିଦ୍ୟାଳୟ ଶିକ୍ଷା ଜାରି ରଖିଛନ୍ତି । ବଳକା ୪୨ ଜଣ ଅନେତାସୀ କେନ୍ଦ୍ରରେ ରହି ଧୀରେ ଧୀରେ ସୁସ୍ଥ ହେବା ସହ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରୁଛନ୍ତି ତନ୍ମଧ୍ୟରୁ ୩ ଜଣ ଚଳିତ ବର୍ଷ ୨୦୨୫ -୨୬ରେ ମାଟ୍ରିକ ପରୀକ୍ଷା ଦେଇଥିବା ଶିବମ ବେହେରା ଚୌଦ୍ୱାର ସ୍ଥିତ କଳିଙ୍ଗ ପଲିଟେକ୍ନିକ ମହାବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ମାଟ୍ରିକ ପାସ କରି ଧାରାମୂଳକ ଶିକ୍ଷା ନିମନ୍ତେ କଟକ ଚୌଦ୍ୱାର ବାଣୀପଡା ସ୍ଥିତ ଗାଇ ଇନ୍‌ଷ୍ଟିଚ୍ୟୁଟ ଓ ଟେକ୍ନୋଲୋଜି ଶିକ୍ଷାନୁଷ୍ଠାନରେ ମେକାନିକାଲ ଇଞ୍ଜିନିୟର ବିଭାଗରେ ନାମ ଲେଖାଇ ବର୍ତ୍ତମାନ ଶିକ୍ଷା ଗ୍ରହଣ ଜାରି ରଖିଛନ୍ତି । ଏହି ଶିକ୍ଷା ଗ୍ରହଣ ପରେ ସେ ଜଣେ ସୁଦାମା ଧନ୍ୟ ଇଂଜିନିୟର ରୂପେ ଜନ ସାଧାରଣଙ୍କ ସେବାରେ ଲାଗିବା ସହ ନିଜେ ରୋଜଗାର କ୍ଷମ ହୋଇପାରିବ ବୋଲି ନିଜର ପ୍ରତିଶ୍ରୁତି ଦେଇଛନ୍ତି । ନିଜର ସୁନ୍ଦର ଭବିଷ୍ୟତ ଗଠନର ଶ୍ରେୟ ନିଜ ଘର ପରିବର୍ତ୍ତନ ଅନୁଷ୍ଠାନକୁ ଧନ୍ୟବାଦ ଦେବା ସହ ଅଧକ୍ଷ ଶ୍ରୀଯୁକ୍ତ ନରୋତମ ଦାସ, ଉଦ୍ଧାର ଫାଉଣ୍ଡେସନ ଟ୍ରଷ୍ଟି ମା ଭାରତୀ ଦାସ, ମୁଖ୍ୟ ସେବକ ସୁଦ୍ରତ ଖୁଣ୍ଟିଆ, ସୁନିଲ ମୁର୍ମୁ, ଭାରପ୍ରାପ୍ତ ଅଧିକାରୀ ପ୍ରିୟଙ୍କା ଦାସ ଓ କେନ୍ଦ୍ରର ସମସ୍ତ ପିଲାମାନଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି ।

ଶିକ୍ଷକଙ୍କ ଆଶ୍ଳୀଳ ଆଚରଣ ପାଇଁ ଅଭିଭାବକଙ୍କ ହଟଗୋଳ ଅନ୍ୟତ୍ର ବଦଳି ପାଇଁ ସରପଂଚଙ୍କ ଜିଦି



ଜି.ଉଦୟଗିରି, ୧୩/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ବ୍ଲକ ଅନ୍ତର୍ଗତ ବିଲାତାଡ଼ା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଶିକ୍ଷକଙ୍କ ବିରୋଧରେ ଏକ ସଂଗଠିତ ଅଭିଯୋଗ କରିଛନ୍ତି ଛାତ୍ର ଛାତ୍ର ଏବଂ ଅଭିଭାବକ । ଅଭିଭାବକଙ୍କ ସୂଚନା ଅନୁସାରେ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସହକାରୀ ଶିକ୍ଷକ ପ୍ରସନ୍ନ କୁମାର ନାୟକ ବିଦ୍ୟାଳୟରେ ଲାର୍ଘ୍ୟର ସମୟରେ ଦହଁନ ମାତ୍ରାରେ ମୋବାଇଲର ବ୍ୟବହାର କରୁଛନ୍ତି । ସପ୍ତାହାନ୍ତ ଗୁରୁତର ଅଭିଯୋଗ ହେଲା ବୁଧବାର ଦିନ ବିଦ୍ୟାଳୟ ସମୟରେ ନିଜ ବାନ୍ଧବୀମାନଙ୍କ ସହ ଅଶ୍ଳୀଳ ଭାଷାରେ କଥାବାର୍ତ୍ତା ହେବା ସହ ରିଡିଓ କନ ମାଧ୍ୟମରେ ଆଶ୍ଳୀଳତା ପ୍ରଦର୍ଶନ କରୁଥିବା ଏବଂ ବିରକ୍ତି ଭାବ ଦେଖାଇ ପିଲାମାନଙ୍କୁ ବାରମ୍ବାର ଶିକ୍ଷୟତ୍ରୀଙ୍କ ଠାରୁ ଖବର ପାଇ ଏତିକିରେ ନିବେଦିତ ପ୍ରଧାନ ଏବଂ ସିଆରସିସି ରଶ୍ମିରେଖା ମହାରଣା ସ୍କୁଲରେ ପହଁଚି ଗ୍ରାମବାସୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ଠାରୁ ସବୁ ଅଭିଯୋଗ ଶୁଣିବା ପରେ ସ୍କୁଲକୁ ଯାଇ ପ୍ରଧାନ ଶିକ୍ଷୟତ୍ରୀ ବିନିତା ନାୟକଙ୍କୁ ଅଭିଯୋଗ ଜଣାଇଥିଲେ । ସେ ସମସ୍ତଙ୍କ ସମ୍ମୁଖରେ ନିଜ ଦୋଷ ସ୍ୱୀକାର କରିବା ନେଇ ଲିଖିତ ଭାବେ ଉପସ୍ଥିତ ଅଧିକାରୀଙ୍କୁ ଦେଇଥିଲେ । ଶିକ୍ଷକଙ୍କ ପ୍ରସନ୍ନ କୁମାର ନାୟକଙ୍କୁ ଏହି ସ୍କୁଲରୁ ବଦଳୀ କରି ଅନ୍ୟ ଶିକ୍ଷକଙ୍କୁ ନିଯୁକ୍ତି କରିବାକୁ ଦାବି କରିଥିବେ ଯଦି ଏହି ଶିକ୍ଷକଙ୍କୁ ଏଠାରୁ ବଦଳୀ କରାନଯାଏ ତେବେ ଆମେ ଆମ ଛୁଆଙ୍କୁ ସ୍କୁଲ ପଠେଇବୁ ନାହିଁ ବୋଲି ସ୍ପଷ୍ଟ ଭାବେ କହିଥିଲେ । ଘଟଣା ସମ୍ବନ୍ଧରେ ସରପଂଚ ଏବଂ ପ୍ରଧାନ ଶିକ୍ଷୟତ୍ରୀଙ୍କ ଠାରୁ ଖବର ପାଇ ଏତିକିରେ ନିବେଦିତ ପ୍ରଧାନ ଏବଂ ସିଆରସିସି ରଶ୍ମିରେଖା ମହାରଣା ସ୍କୁଲରେ ପହଁଚି ଗ୍ରାମବାସୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ଠାରୁ ସବୁ ଅଭିଯୋଗ ଶୁଣିବା ପରେ ଅଭିଯୁକ୍ତ ଶିକ୍ଷକଙ୍କୁ ପଚାରିଥିଲେ । ସେ ମଧ୍ୟ ଲିଖିତ ଭାବେ ନିଜ ଦୋଷ ସ୍ୱୀକାର କରିବା ସହ ସ୍କୁଲ ପରିସରରେ ମୋବାଇଲ ବ୍ୟବହାର ନକରିବା ସହ ଅଶ୍ଳୀଳ ଭାଷାରେ କଥାବାର୍ତ୍ତା ନହେବା ନେଇ ଲିଖିତ ଭାବେ ଉପସ୍ଥିତ ଅଧିକାରୀଙ୍କୁ ଦେଇଥିଲେ । ଶିକ୍ଷକଙ୍କ ସ୍ୱୀକାର ଏବଂ ଘଟଣା ସମ୍ପର୍କରେ ଶୁଣି ପୁଁ ଅତ୍ୟନ୍ତ ମର୍ମାହତ ଏବଂ ଦୁଃଖିତ ଏହି ଘଟଣା ଉପରିସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରିବା ସହ ଅଭିଯୁକ୍ତ ଶିକ୍ଷକଙ୍କୁ ଏହି ସ୍କୁଲରୁ ଅନ୍ୟତ୍ର ବଦଳୀ କରାଯିବ ଏବଂ ଅନ୍ୟ ଶିକ୍ଷକଙ୍କୁ ଏଠିକି ଅଣାଯିବ ବୋଲି ଏଡିଇଓ ନିବେଦିତ ପ୍ରଧାନ ଅଭିଭାବକଙ୍କୁ ବୁଝାଇ କହିବା ପରେ ଅଭିଭାବକ ଶାନ୍ତ ପଡ଼ିଥିଲେ । ଘଟଣା ସ୍ଥଳରେ ବହୁ ସଂଖ୍ୟାରେ ଗ୍ରାମବାସୀ, ଅଭିଭାବକ ମାନେ ଉପସ୍ଥିତ ଥିଲେ ।

ହାଟଡିହିରେ ସମୁଦାୟ ୧୭୫୧୪ଜଣ ଭତା ପାଇବେ, ମଲାପରେ ଭତା ପାଇବା ଯୁଗ ସରିଲା



ହାଟଡିହି, ୧୩/୧୧ (ଆ.ପ୍ର) : ଶୁକ୍ରବାର ଦିନ ହାଟଡିହି ବ୍ଲକ କାର୍ଯ୍ୟାଳୟରେ ୨୬୧ ୨ଜଣ ହିତାଧିକାରୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ବାର୍ଦ୍ଧକ୍ୟ ଭତା, ବିଧବା ଭତା, ବିକଳାଙ୍ଗ ଭତା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଗାଇଶୁର ଜିଲ୍ଲାରେ ଉପଯାତନ କରିବା ପରେ ପ୍ରତି ବୁଧରେ ପୂର୍ବରୁ ପାଇବାକୁ ଥିବା ଭତା ହିତାଧିକାରୀଙ୍କୁ ଶୁକ୍ରବାର ଦିନ ପ୍ରଦାନ ଭତା ପ୍ରଦାନ କରାଯାଇଛି । ଏହି ଯୋଜନାରେ ହାଟଡିହି ବ୍ଲକରେ ପୂର୍ବରୁ ୧୪୯୦୨ ଜଣଙ୍କୁ ଭତା ଦିଆଯାଉଥିବା ବେଳେ ଏବେ ଆଉ ନୂଆ କରି ୨୬୧୨ ଜଣଙ୍କୁ ଏହି ଯୋଜନାରେ ସାମିଲ କରାଗଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସୋଠା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ ଅଭିମନ୍ୟୁ ସୋଠା, ବିଡ଼ିଓ ରଞ୍ଜନ କୁମାର ପରିଡ଼ା, ସଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ଏଡିନ୍ଦ୍ରି ରଣ୍ଡା ନାଇକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାତୀ ସିଂ, ଏସ ପ୍ରତାକ ଆନନ୍ଦ, ଗାଇଶୁର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ହାଟଡିହି ବ୍ଲକର ଅନେକ ପଂଚାୟତର ଲୋକଙ୍କୁ ସାମିଲ କରାଯାଇଥିବା ବେଳେ ପାଇନଥିବା ଲୋକେ ପଂଚାୟତରୁ ନେଇ ପାରିବେ ।

ବାଣପୁର ଏନଏସି ଅନ୍ତର୍ଗତ ଅଚୁତରାପୁର ଛକ ନିକଟରେ ବାଦିପାଲା ଅନୁଷ୍ଠିତ

ଡିଲିଆ/ ବାଣପୁର, ୧୩/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ଏନଏସି ଅନ୍ତର୍ଗତ ଅଚୁତରାପୁର ଛକ ନିକଟରେ ଆରମ୍ଭ ହୋଇଯାଇଛି ବାଦିପାଲା । ଗତ ବୁଧୁବାର ଠାରୁ ଆରମ୍ଭ ହୋଇ ଆସନ୍ତା ଗରିବାର ୧୫ତାରିଖ ପର୍ଯ୍ୟନ୍ତ ପାଂଚଦିନ ବ୍ୟାପି ବାଦିପାଲା ମଂଚ ତତ୍ତବାର ଅନୁଷ୍ଠିତ ହେବ । ପ୍ରଥମ ଦିନରେ ଗାୟକ ଯୁବ ରାଷ୍ଟ୍ରର ଝାନ୍‌ସିପ୍ରିୟ କାନୁନଗୋ ଙ୍କଂପାଟେରା କଟକ, ଗାୟକ ତତ୍ତବାଗିଧି ଜୟ ଚନ୍ଦ୍ର ତତ୍ତବଳେର ଦୁର୍ଗୁଗିରି ପୁରା, ମଂଚରେ ପରିବେଷଣ କରିଥିଲେ । ବାଣପୁର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିବା ସହିତ ପ୍ରତକ ଜନସମାଗମ ଦେଖିବାକୁ ମିଳିଥିଲା । ବାଣପୁର ବିଜେପିର ଅଂଚଳ ପରିଷତର ବିଜେପି ଯୁବ ସାଥୀକ ତତ୍ତବା ପ୍ରସାତ ମିଶ୍ର ମୁଖ୍ୟ ଅତିଥି ରାତବେ ଯୋଗ ଦେଇଥିଲେ । ଜାଇଁକାଳର ତତ୍ତବାୟଣ ମିଶ୍ର ପରିମେୟ ପ୍ରଧାନ କରିଥିଲେ । ଦିର୍ଘ ଜାତବର୍ଷର ଅନୁଷ୍ଠାନ ଜିଲ୍ଲାକି ଆଗକୁ ଯିମାପାଇଁ ସକ୍ଷମ ହେବ ଓ ବହୁ ପୁରାତନ ସଂସ୍କୃତି ପାସ ପାହାଡି ଓଡ଼ିଆ ଅସ୍ମିତାକୁ ଜାର ପାତବା ସହିତ ଲୋକାଭିମୁଖ୍ୟ ଯୋଇପାରିବ, ଅଂଚି ରାଖଣ ରଖିଥିବେ ତତ୍ତବା ପ୍ରସାତ ମିଶ୍ର ।

ନିଶାମୁକ୍ତ କନ୍ଧମାଳ ଅଭିଯାନକୁ ନୂଆ ଦିଗ; ଗଞ୍ଜେଇ ଚାଷ ଜମିରେ ଫଳିବ ଫଳ ଓ ପନିପରିବା



ବାଲିଗୁଡ଼ା, ୧୩/୧୧ (ଆ.ପ୍ର) : ନିଶାମୁକ୍ତ କନ୍ଧମାଳ ଗଠନ ଲକ୍ଷ୍ୟରେ ଜିଲ୍ଲାପ୍ୟାପା ଜୋରଦାର ହୋଇଛି ସଚେତନତା ଅଭିଯାନ । ନିଶା ସେବନରୁ ବୁଡ଼େଇ ରହିବା ସହ ଦେଖାଇନ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ରାବେ ବନ୍ଦ କରିବା ଏବଂ ଏହା ବଦଳରେ ବିକଳ୍ପ ଚାଷ ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବୀ ହେବାକୁ ଲୋକଙ୍କୁ ଆହ୍ୱାନ ଦିଆଯାଉଛି । ଏହି ଅଭିଯାନରେ ଡାଲିଗୁଡ଼ା ଏସଡ଼ିପିଓ ଶୁରମ ଲୋଷ୍ତଙ୍କେ ନେତୃତ୍ୱରେ ଜନ ସଚେତନତା କାର୍ଯ୍ୟକ୍ରମରୁ ଗୁରୁତ୍ୱ ଦିଆଯାଇଛି । ଅଭିଯାନର ଏକ ନିଆରା ପଦକ୍ଷେପ ସ୍ୱରୂପ ବେଆଇନ ଗଞ୍ଜେଇ ଚାଷ ହେଉଥିବା ଜମିରୁ ଗଞ୍ଜେଇ ଗଛ ନଷ୍ଟ କରାଯିବା ପରେ ସେହି ଜମିରେ ବିଭିନ୍ନ ପ୍ରକାରର ଫଳ ଓ ପନିପରିବା ଗଛ ଲଗାଯାଉଛି । ଏଭଳିଦ୍ୱାରା ନିଶା ଚାଷର କୁପରିଣାମ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ଚାଷ ଜମିକୁ ଏକ ସକାରାତ୍ମକ ଓ ଜନହିତକର କାର୍ଯ୍ୟରେ ବିନିଯୋଗ କରିବାର ବାର୍ତ୍ତା ଦିଆଯାଉଛି । ଏହି କାର୍ଯ୍ୟକ୍ରମରେ ଯିହିଁଗାଁ ଟଂଚାୟତ ଅନ୍ତର୍ଗତ ନିମିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉତ୍ସାହର ସହ ସାମିଲ ହୋଇଥିଲେ । ଛାତ୍ରଛାତ୍ରୀମାନେ ବୃକ୍ଷରୋପଣ ସପ୍ତାହ କରିବା ସହ ବିଭିନ୍ନ ପନିପରିବା ଗଛ ଲଗାଇ ପରିବେଶ ସୁରକ୍ଷା ଓ ବିକଳ୍ପ ଚାଷର ମହତ୍ୱ ସମ୍ପର୍କରେ ସମ୍ମାନକୁ ସଚେତନତାର ବାର୍ତ୍ତା ଦେଇଥିଲେ । କେବଳ ଗଞ୍ଜେଇ ଗଛ ନଷ୍ଟ କରିବାରେ ସୀମିତ ନରହି ଏହାର ସ୍ଥାନରେ ଉପଯୋଗୀ ଗଛ ଲଗାଇବାର ଏହି ପ୍ରୟାସ ନିଶାମୁକ୍ତ କନ୍ଧମାଳ ଅଭିଯାନକୁ ଏକ ନୂଆ ପରିଚୟ ଦେଇଛି । ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରଖିବା, ଚାଷୀଙ୍କୁ ବିକଳ୍ପ ଚାଷ ପ୍ରତି ଆକୃଷ୍ଟ କରିବା ଏବଂ ସବୁଜ ପରିବେଶ ସୃଷ୍ଟି କରିବା ଦିଗରେ ଏଭଳି ପଦକ୍ଷେପ ଆଗାମୀ ଦିନରେ ଅଧିକ ଫଳପ୍ରଦ ହେବ ବୋଲି ଆଶା ପ୍ରକାଶ ପାଇଛି ।

ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ନିମନ୍ତେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ନବରଙ୍ଗପୁର, ୧୩/୧୧ (ଆ.ପ୍ର) : ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ବ୍ୟାପକ ଓ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ଏବଂ ଜିଲ୍ଲା ପ୍ରଶାସନ, ନବରଙ୍ଗପୁରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି । ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର କର୍ତବ୍ୟତତ୍ତ ଅଧିକାରୀ ସିଦ୍ଧାର୍ଥ ପାଢ଼ୀ ଯୋଗଦେଇ ତତ୍ତାବଧେ ଲାଞ୍ଛଗରାୟ ସାଧାକର୍ମୀ ତତା ଭାଷାବିତ୍ ପ୍ରଫେସ୍ସର ମୁଖ୍ୟ, ମନୋରଞ୍ଜନ ପାଣିଗ୍ରାହୀ, ଡ. ବିପ୍ଳବ ରଞ୍ଜନ ପ୍ରଧାନ ଓ ପ୍ରଶାନ୍ତ କୁମାର ନାୟକ ପ୍ରଶିକ୍ଷକ ରାବେ ଯୋଗଦେଇଥିଲେ । ଉତ୍ତରୟ ୧୨ ଓ ୧୩ ତାରିଖରେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକ, ତହସିଲ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟରୁ ୧୫୦ରୁ ଉର୍ଦ୍ଧ୍ୱ ସରକାରୀ କର୍ମଚାରୀ ଅଂଶଗ୍ରହଣ କରି ସରକାରୀ ନଥି ପ୍ରସ୍ତୁତି, ଚିଠିପତ୍ର ଓ ଦସ୍ତାବିଜ ଲିଖନ, ଓଡ଼ିଆ ଭାଷାରେ ଟିପ୍ପଣୀ ଓ ଅଦେ୍ୟକ୍ଷନମା ପ୍ରସ୍ତୁତି, ପ୍ରଶାସନିକ ଶବ୍ଦାବଳୀର ବ୍ୟବହାର ତଥା ତିନିଦିନ ତତ୍ତାରୀୟ କାର୍ଯ୍ୟରେ ଓଡ଼ିଆ ଭାଷାର ପ୍ରୟୋଗ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ନେଇଥିଲେ । ଉତ୍ତଯାପନୀ ସମାରୋହରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା ଏବଂ ଜିଲ୍ଲା ସଂସ୍କୃତି ତନ୍ନୟନ ଅଧିକାରୀ ସାଧିତା ତତ୍ତାବଧାନ



ଆରମ୍ଭ
SEITHO ARAMBHA



ଶନିବାର, ୧୪ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

13001/2458/2627

ପୌର ପରିଷଦ କାର୍ଯ୍ୟାଳୟ, ବାଲେଶ୍ୱର

OFFICE OF THE MUNICIPAL COUNCIL, BALESHWAR.

Tel & Fax No. 06702-251222

E-mail:- balasoremunicipallty@rediffmail.com

Notification 8352/ Dt 11.11.2026 The Details can be downloaded from the official website of Baleshwar District, http://baleswar.nic.in

sd/-
Executive officer
Baleswar Municipality

OIPR - 13001/13154/1/26-27/0033

ନବକୃଷ୍ଣ ଚୌଧୁରୀ ଜୟନ୍ତୀ ପାଳନ ପାଇଁ 'ମନା'ର ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୧୩/୧୧ (ଆ.ପ୍ର) : ମିଳିତ ନିଶା ନିବାରଣ ଅଭିଯାନ (ମନା)ର ଏକାତ୍ମତାମ ମାସିକ ବୈଠକ ସଭାପତି ପ୍ରାକାର ସାହୁଙ୍କ ଅଧ୍ୟକ୍ଷତାରେ ଜେନିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ତା ୨୩-୧୧-୨୦୨୬ରିଖରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଜନମୁଖୀ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଓଟି ରୋଡ୍‌ରେ ପାଳନ କରାଯିବା ପାଇଁ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସାଧାରଣ ସଂପାଦିକା ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କର, ଗାତାଞ୍ଜଳି ସିଂହ, କଲ୍ୟାଣୀ ନନ୍ଦ, ସଞ୍ଜୟ କୁମାର ପଣ୍ଡା (ଖ), ଡ. ଲକ୍ଷ୍ମଣ ବରଣ ବିଶ୍ୱାଳ, ତ୍ରିଦିବ ନାୟକ, ରମେଶ ଚନ୍ଦ୍ର ଢେଳା, ଅକ୍ଷୟ କୁମାର ତ୍ରିପାଠୀ, ଗଙ୍ଗାଧର ସୁଣି, ଗୌରାଙ୍ଗ ପାଣିଗ୍ରାହୀ, ସାତାରାମ ପ୍ରଧାନ, ପ୍ରାକାର ସାହୁ (ଖ), ସୁକାମଣି ଢେଳା, ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଲାବୁର ମିଶ୍ର ଧନ୍ୟବାଦ ଦେଇଥିଲେ।

ବାଲେଶ୍ୱର ପୌରପାଳିକା ପକ୍ଷରୁ ୧୧୨୫ଜଣ ନୂତନ ହିତାଧିକାରୀଙ୍କୁ ଭତା ବାଂଟିଲେ ସଦର ବିଧାୟକ



ବାଲେଶ୍ୱର, ୧୩/୧୧ (ଆ.ପ୍ର) : ଶୁକ୍ରବାର ପୂର୍ବାହ୍ନ ରେ ବାଲେଶ୍ୱର ସଦର ବିଧାୟକ ମାନସ ପତ ଟାଉନ ହଲ ପରିସର ରେ ୧୧୨୫ଜଣ ନୂତନ ହିତାଧିକାରୀ ଙ୍କୁ ବାର୍ଦ୍ଧକ୍ୟ ଭତା ବଂଟନ କରିଛନ୍ତି। ଆଜି ବାଲେଶ୍ୱର ପୌର ପାଳିକା ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଭତା ବଂଟନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ମାନସ ପତ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଦଶ ତାରିଖ ଦିନ ବାଲେଶ୍ୱର ସ୍ଥ ରେ ଆସି ରାଜ୍ୟ ସ୍ତରୀୟ ଭତା ବଂଟନ କାର୍ଯ୍ୟକ୍ରମରେ ଏକିକୃତ ଭତା ବଂଟନ କରି ଏକିକି କରଣ ଉଦ୍ଘାଟନ କରିଥିବା ଘୋଷଣା ଲୋକଙ୍କୁ ମିଳିତ ଯୋଗି ଘୋଷଣା କରିଥିଲେ। ତେଣୁ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପୌର ପାଳିକାର ଅଧକ୍ଷା ସବିତା ସାହୁଙ୍କ ପୌରହିତ୍ୟ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଜାତୀୟସିଲର ପଦ୍ମଲୋଚନ ଲେଙ୍କା, ସତ୍ୟ ଶିବ ସୁନ୍ଦର ବାଶ, ରୋଜାଲିନ ପାଣି, ଜଟିରା ମଝାଘାତ୍ର, ପ୍ରମିମା ଡେଙ୍ଗେରା, ସୁସ୍ମିତା ନାଥ,ପ୍ରାତିମା ସେଠୀ, ସଲିମା ବିବି, ସାଂସଦଙ୍କ ପ୍ରତିନିଧି ତିତ ରଞ୍ଜନ ପଣ୍ଡା, ନିର୍ଦ୍ଦେଶୀ ଅଧିକାରୀ ପିଚିଏଚ ଶୁଭ୍ର ପଟ୍ଟେଲ ପ୍ରମୁଖ ଉପସ୍ଥିତ ରହି ଥିଲେ।

ଜୟ ହନୁମାନ ସାଂସ୍କୃତିକ ପରିଷଦ ପକ୍ଷରୁ ୨୦ ଫୁଟର ବକାସୁର ପ୍ରତିମୂର୍ତ୍ତି ଦହନ



ରେମୁଣା, ୧୩/୧୧ (ଆ.ପ୍ର) :ଜୟ ହନୁମାନ ସାଂସ୍କୃତିକ ପରିଷଦ ପକ୍ଷରୁ ବାରିପାଳଠାରେ ବକାସୁର ପୋଡ଼ି ଉତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୨୦ ଫୁଟ ଉଚ୍ଚତାର ବକାସୁର ପ୍ରତିମୂର୍ତ୍ତି ଦହନ କରାଯାଇଥିବା ବେଳେ ଏଥିକୁ ଦେଖିବା ପାଇଁ ହଜାର ହଜାର ଦର୍ଶାଙ୍କର ସମାଗମ ହୋଇଥିଲା । ପରିଷଦର ସଭାପତି ଦିବଗଞ୍ଜନ ବେହେରା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ଉତ୍ସବରେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି, ରାଜ୍ୟ ମହିଳା ଆୟୋଗର ଅଧକ୍ଷ ଶୋଭନା ମହାନ୍ତି ମୁଖ୍ୟବକ୍ତା ରାଜେ ଯୋଗ ଦେଇଥିଲେ । ସଞ୍ଜୀତ ଅତିଥି ରାଜେ ସଦର ବିଧାୟକ ମାନସ ପତ, ପୂର୍ବତନ ବୁଢ଼ ଅଧକ୍ଷ ସୁଶାନ୍ତ ପଟ୍ଟନାୟକ ଓ ଉପସ୍ତବନ୍ଧ ସୁଧୀ ଯୋଗଦେଇଥିଲେ । ଅତିଥିମାନେ ନିଜ ବକ୍ତବ୍ୟରେ ବକାସୁର ପୋଡ଼ିର ତାତ୍ପର୍ଯ୍ୟ ବୁଝାଇବା ସହ ପ୍ରତୋକ ମଣିଷ ନିଜ ଭିତରେ ଥିବା ଅସୁର ପ୍ରବୃତ୍ତି-ଦିଂସା, ଅହଂକାର, ଅନ୍ୟାୟ ଓ ଅସତ୍ୟକୁ ନଷ୍ଟ କରିବା ପାଇଁ ଆହ୍ୱାନ ଦେଇଥିଲେ । ବକାସୁର ପୋଡ଼ି କେବଳ ଏକ ପରମ୍ପରା ନୁହେଁ, ବରଂ ମଣିଷ ମନରୁ ଅସତ୍ ପ୍ରବୃତ୍ତି ଦୂର କରି ସତ୍ୟ, ନ୍ୟାୟ ଓ ମାନବିକତାର ପଥରେ ଚାଲିବାର ଏକ ପ୍ରେରଣାଦାୟକ ଗୋଟିଏ

ତ୍ରୈମାସିକ
ଆରମ୍ଭ
SEITHO ARAMBHA
ଶନିବାର, ୧୪ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ବାଟବଣା ଶୈଶବ

ମଣିଷ ଜୀବନର ପ୍ରାଥମିକ ଅବସ୍ଥା ହେଉଛି ଶୈଶବ । ମାତୃଗର୍ଭରୁ ଜନ୍ମନେବାରୁ ଶୈଶବର ଅବସ୍ଥା ପର୍ଯ୍ୟନ୍ତ ତା'ର ତଥାକଥିତ ସୁଖ ସମସ୍ତଙ୍କୁ ବିମୋହିତ କରେ । ଏହି ଅବସ୍ଥା ମଧ୍ୟରେ ତା'ର ପ୍ରତିଟି କାର୍ଯ୍ୟକଳାପ ଯାଦୁମୟ ହୋଇଥାଏ । ଦୁନିଆକୁ ନୂଆକରି ଦେଖୁଥିବା ଶିଶୁ ମଧ୍ୟରେ କଥାଏ ହିଂସା, ଈର୍ଷା, ଜପତତା । କେବଳ ଥାଏ ଆବିଳତା । ଶିଶୁର କୋମଳ ଈର୍ଷରେ ମନରୁ ସମସ୍ତ ଭାର, ଅଭିମାନ ଅବଶ୍ୟାର, ମିଳେଇ ଯାଏ । ପ୍ରତିଟି ଶିଶୁର କଥାରେ ଥାଏ ଆତ୍ମୀୟତା । ତେଣୁ ଶିଶୁକୁ ଭଗବାନଙ୍କ ରୂପ ବୋଲି କୁହାଯାଏ । ଆଜିର ଶିଶୁ ଆଗାମୀ ଜାତିର ଭବିଷ୍ୟତ । ତେଣୁ ସମାଜ ସବୁତେଡେ ଶିଶୁ ପାଇଁ ଯତ୍ନଶୀଳ ହୋଇଥାଏ । ହେଲେ ବର୍ତ୍ତମାନ ସମୟରେ ଆମେ ଶିଶୁଙ୍କ ପାଇଁ ଯତ୍ନ ନେଇ ପାରୁନୁ । ଯେଉଁସବୁ ସାମଗ୍ରୀ।ରୁ ଶିଶୁକୁ ଦୂରେଇ ରଖିବା ଉଚିତ ଆମେ ସେହିସବୁ ସାମଗ୍ରୀ ସହ ଖେଳିବା ପାଇଁ ତାକୁ ଉତ୍ସାହିତ କରୁଛୁ । ଯାହାଫଳରେ ଶିଶୁର ମସ୍ତିଷ୍କ ଉପରେ କୁପ୍ରଭାବ ପଡୁଛି । ସେ କ୍ରମଶଃ ନିଜ ପାଠପଢ଼ାଠାରୁ ଦୂରେଇ ଯାଉଛି । ଯାହାକି ଅଭିଭାବକଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରୁଛି । ଶୈଶବ ଅବସ୍ଥାରେ ପିଲାଟି ଯାହା ଶିଖେ ତାହାକୁ ସଙ୍ଗେ ସଙ୍ଗେ ମନେ ରଖିବେଳ । ତେଣୁ ବାଲ୍ୟାବସ୍ଥାରୁ ଶିଶୁକୁ ଉତ୍ତମ ଶିକ୍ଷା ଦେବା ଜରୁରୀ । ସେଥିପାଇଁ ଶିଶୁର ଶରୀରର ଗଠନ ଓ ସ୍ନାୟୁଶକ୍ତିର ବିକାଶ ପାଇଁ ବାଲ୍ୟାବସ୍ଥାରୁ ତା'ର ଯତ୍ନ ନିଆଯାଏ । ଶିଶୁର ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିବ ବୋଲି ପାଞ୍ଚବର୍ଷ ପର୍ଯ୍ୟନ୍ତ ତାକୁ ପାଠପଢ଼ାଠାରୁ ଦୂରେଇ ରଖାଯାଏ । ପାଞ୍ଚବର୍ଷ ପରେ ଶିଶୁମାନେ ସ୍କୁଲକୁ ଯାଇ ଅଧ୍ୟୟନ କରିଥାନ୍ତି । ଶିଶୁଙ୍କ ଶରୀରର ହାଡ଼ ଦୃଢ଼ିକ ଓ ମାଂସ ଲୋମଳ ହୋଇଥାଏ । ତେଣୁ ତାକୁ ବାଲ୍ୟାବସ୍ଥାରେ ମାତ୍ର ମାରିବା ଉଚିତ ନୁହେଁ । ସେଥିପାଇଁ ସ୍କୁଲଗୁଡ଼ିକୁ ବର୍ତ୍ତମାନ ଅଞ୍ଚଳରେ ଘୋଷଣା କରାଯାଇଛି । ଆଜିର ସମୟରେ ଆମେ ସାଧାରଣତଃ ଉନ୍ନତମାନର ଜ୍ଞାନଲୋଭର ଉପରେ ନିର୍ଭର କରୁଛୁ । ତେଣୁ ଅଧିକାଂଶ ସମୟ ଟେଲିଭିଜନ୍, ମୋବାଇଲ୍ ଦେଖିବାରେ ସମୟ ଅତିବାହିତ କରିଥାଉ । ଏହାର ବିଥାସକଳ୍ପ ପ୍ରଭାବ ଶିଶୁ ଉପରେ ପଡ଼ିଥାଏ । କାରଣ ଶିଶୁଟି ମଧ୍ୟ ଟିକି, ମୋବାଇଲ ଧରିବା ପାଇଁ ଜିଦ୍ କରିଥାଏ । ଜେମନମତି ଶିଶୁର ଜିଦ୍ ଆଗରେ ବାପାମାଆ ନଇଁଯାଇ ଶିଶୁଟିକୁ ମୋବାଇଲ ସହ ଖେଳିବାକୁ ଦେଇଥାନ୍ତି । ଯାହାଫଳରେ ଶିଶୁଟି ନିଜ ପାଠପଢ଼ାଠାରୁ ଦୂରେଇ ଯାଇ ଅଧିକାଂଶ ସମୟ ଟିଭି ଓ ମୋବାଇଲ ଦେଖିଥାଏ । ବିଶେଷ କରି ମୋବାଇଲ ତାକୁ ଏତେମାତ୍ରାରେ ଆକର୍ଷଣ କରେ ଯେ ସେ ନିଜ ଖାଇବା ପିଇବା ଭୁଲି ମଧ୍ୟ ମୋବାଇଲରେ ବ୍ୟସ୍ତ ରହେ । ଆଜିକାଲି ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଖରେ ମଧ୍ୟ ମୋବାଇଲ ରହିଛି । ସ୍କୁଲ ବ୍ୟାମସରୁ ଛାତ୍ରଛାତ୍ରୀମାନେ ପାଖାପାଖି ମଧ୍ୟ ମୋବାଇଲ୍ ଜବତ କରାଯାଇଛି । କରୋନା ମହାମାରୀ ପାଇଁ ସ୍କୁଲ, କଲେଜ ବନ୍ଦ ରହିବାରୁ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ କ୍ଲାସ୍ କଲେ । ଫଳରେ ଦିନ ତମାମ୍ ସେମାନେ ମୋବାଇଲ ବ୍ୟବହାର କରେ । ଅଧିକାଂଶ ଛାତ୍ରଛାତ୍ରୀ ଅନ୍‌ଲାଇନ୍ କ୍ଲାସ୍ ବାହାନାରେ ମୋବାଇଲକୁ ଅପବ୍ୟବହାର କରେ ।

ବିଦ୍ୟାଳୟ ଓ ନୈତିକ ମୂଲ୍ୟବୋଧ ଭିତିକ ଶିକ୍ଷା

॥ ପର୍ଶୁରାମ ଦାସ ॥

ଶିକ୍ଷା ଏକ ଜୀବନଧାରୀ ପ୍ରକ୍ରିୟା । ଏହାର ଅର୍ଥ କେବଳ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ସାର୍ଟିଫିକେଟ ଲାଭ କରିବା କିମ୍ବା ଭଲ ବେତନର ଚାକିରିରେ ନିଜକୁ ଅଧିଷ୍ଠିତ କରିବା ନୁହେଁ । ପ୍ରକୃତ ଶିକ୍ଷା ମଣିଷର ବେତନାକୁ ପରିମାର୍ଜିତ କରେ, ବିବେକକୁ ଜାଗ୍ରତ କରେ ଏବଂ ତାକୁ ଜଣେ ସୁସଂସ୍କୃତ, ଦାୟିତ୍ୱବାନ ଓ ମାନବିକ ମଣିଷ ରୂପରେ ଗଢ଼ିତୋଳେ । ଜ୍ଞାନ ଯଦି ମଣିଷକୁ ନମ୍ର, ସମ୍ବେଦନଶୀଳ ଓ ବିବେକବାନ କରିପାରେ ନାହିଁ, ତେବେ ସେହି ଶିକ୍ଷାର ସାର୍ଥକତା ଅସମ୍ପୂର୍ଣ୍ଣ ରହିଯାଏ । ଜ୍ଞାନ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ କେବଳ ଜାଣିବା ମଧ୍ୟ ଶିକ୍ଷାର ଅର୍ଜନ ନୁହେଁ, ବରଂ ଜୀବନକୁ ମହତର କରିବା । ଆଜି ଦେଶରେ ଶିକ୍ଷାନୁଷ୍ଠାନର ସଂଖ୍ୟା ବଢ଼ୁଛି । ଶିକ୍ଷାର ପ୍ରସାର ସହିତ ସାକ୍ଷରତା ଓ ନିମୁକ୍ତିର ସୁଯୋଗ ମଧ୍ୟ ବ୍ୟାପକ ହୋଇଛି । କିନ୍ତୁ ଏହି ବିକାଶର ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଆମ ସମ୍ମୁଖରେ ଉଭା ହୋଇଛି—ଆମେ କ'ଣ କେବଳ ଡିଗ୍ରୀଧାରୀ ମଣିଷ ତିଆରି କରୁଛୁ, ନା ମୂଲ୍ୟବୋଧସମ୍ପନ୍ନ ମଣିଷ ମଧ୍ୟ ଗଢୁଛୁ ? ଜ୍ଞାନ ଓ ପ୍ରଯୁକ୍ତିର ଅଭୂତପୂର୍ବ ବିକାଶ ସତ୍ତ୍ୱେ ଯଦି ମଣିଷ ମଧ୍ୟରେ ସହନଶୀଳତା, ସତ୍ୟନିଷ୍ଠା, ସାଜୁରୁଖି ଓ ପରସ୍ପର ପ୍ରତି ସମ୍ମାନବୋଧ ଜାଗ୍ରତ ହୁଏ, ତେବେ ଆମ ଶିକ୍ଷାବ୍ୟବସ୍ଥାର ଲକ୍ଷ୍ୟ ଓ ସଫଳତାକୁ ପୁନର୍ବିଚାର କରିବା ଆବଶ୍ୟକ । ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ହେଉଛି ଏପରି ଏକ ଶିକ୍ଷାପ୍ରକ୍ରିୟା, ଯାହା ଶିଶୁର ମଧ୍ୟରେ ସତ୍ୟନିଷ୍ଠା, ନ୍ୟାୟବୋଧ, ଶୃଙ୍ଖଳା, ଦାୟିତ୍ୱବୋଧ, ସହନଶୀଳତା, ପରୋପକାର, ସମାନତା ଓ ମାନବିକତା ଭଳି ଗୁଣର ବିକାଶ ଘଟାଏ । ଏହା କେବଳ ଉପଦେଶର ବିଚାର କରିବାର ଜ୍ଞାନ ନୁହେଁ; ବରଂ ଠିକ୍ କଥାକୁ ଚିହ୍ନିବା, ଠିକ୍ କାମ କରିବା ଏବଂ ପରିସ୍ଥିତି ଯେତେ ପ୍ରତିକୂଳ ହେଲେ ମଧ୍ୟ ନୈତିକତାର ପଥରେ ଅବିଚଳିତ ରହିବାର ମାନସିକ ଦୃଢ଼ତା ସୃଷ୍ଟି କରିବା ହିଁ ଏହାର ମୂଳ ଲକ୍ଷ୍ୟ । ଅର୍ଥାତ୍, ନୈତିକ ଶିକ୍ଷା ମଣିଷକୁ କେବଳ ଜ୍ଞାନୀ କରେ ନାହିଁ, ବରଂ ବିବେକବାନ ମଧ୍ୟ କରେ । ଏକଦା ବଡ଼ମାନଙ୍କ ପ୍ରତି ସମ୍ମାନ, ସାନମାନଙ୍କ ପ୍ରତି ସ୍ନେହ, ପଡ଼ୋଶୀଙ୍କ ସୁଖଦୁଃଖରେ ସାମିଲ ହେବା ଏବଂ ପରସ୍ପରକୁ ସହଯୋଗ କରିବା ଆମ ସାମାଜିକ ଜୀବନର ସ୍ୱାଭାବିକ ପରମ୍ପରା ଥିଲା । କିନ୍ତୁ ଆଜି ବ୍ୟସ୍ତବହୁଳ ଜୀବନ, ଅତ୍ୟାଧୁନିକ ପ୍ରତିଯୋଗିତା, ଡିଜିଟାଲ ନିର୍ଭରତା ଓ ବ୍ୟକ୍ତିକେନ୍ଦ୍ରିକ ମନୋଭାବର ପ୍ରଭାବରେ ଅନେକ କ୍ଷେତ୍ରରେ ସମ୍ପର୍କରେ ଆତ୍ମୀୟତା ହ୍ରାସ ପାଉଛି । ପରିଚାଳନ ସଦସ୍ୟମାନେ ଏଭଳି ଉଚ୍ଚି ମଧ୍ୟ ନିଜ ନିଜ ଜଗତରେ ଆବଦ୍ଧ ରହୁଛନ୍ତି । ବୃଦ୍ଧାସ୍ରମ ବା ଚାଟିରାଣ୍ଟ ସମସ୍ୟା ନାହିଁ । 'ଆମେ'ର ପରିଧି ସଙ୍କୁଚିତ ହେଉଥିବାବେଳେ 'ମୁଁ'ର ପରିଧି ବ୍ୟାପକ ହେଉଛି । ଏହାର ପ୍ରଭାବ ଶିଶୁମାନ ଉପରେ ପଡ଼ିବା ସ୍ୱାଭାବିକ । ଜାଣଶି ଶିଶୁ ପରବେଶୀୟତ୍ୱ ଅଧିକ ଅନୁକରଣ ମାଧ୍ୟମରେ ଶିକ୍ଷିଥାଏ । ଜାତୀୟ ପାଠ୍ୟକ୍ରମ ରୂପରେଖା ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଗୁରୁତ୍ୱ ଜାତୀୟର ଆଧୁନିକ ଶିକ୍ଷାନୀତି ଓ ପାଠ୍ୟକ୍ରମ ରୂପରେଖାରେ ମଧ୍ୟ ପ୍ରତିଫଳିତ ହୋଇଛି । ଜାତୀୟ ଶିକ୍ଷା ନୀତି—୨୦୨୦ ଶିକ୍ଷାକୁ କେବଳ ଜ୍ଞାନ ଆହରଣର ମାଧ୍ୟମ ଭାବେ ନୁହେଁ, ବରଂ ଦାୟିତ୍ୱବାନ, ସମ୍ବେଦନଶୀଳ ଓ ନୈତିକ ଜାତିଜିବ ଗଠନର ଏକ ପ୍ରମୁଖ ଉପାଦାନ ଭାବେ ଗୁରୁତ୍ୱ ଦେଇଛି । ସେହିପରି ଜାତୀୟ ପାଠ୍ୟକ୍ରମ ରୂପରେଖା—ବିଦ୍ୟାଳୟ ଶିକ୍ଷା ଶିକ୍ଷାରେ ଜାତିତାୟ ଜ୍ଞାନ ପରମ୍ପରା, ସାମାଜିକ ମୂଲ୍ୟବୋଧ, ନୈତିକ ବିଚାର, ସହଯୋଗ, ସମାନତା, ପରିବେଶ ପ୍ରତି ସମ୍ବେଦନଶୀଳତା ଓ ସାମାଜିକ ଦାୟିତ୍ୱର ବିକାଶକୁ ଗୁରୁତ୍ୱ ଦେଇଛି । ଏହି ଦୃଷ୍ଟିକୋଣ ଅନୁଯାୟୀ, ଶିକ୍ଷାର ଲକ୍ଷ୍ୟ କେବଳ ପାଠ୍ୟବିଷୟର ତଥ୍ୟ ମନେ ରଖିବା କିମ୍ବା ପରୀକ୍ଷାରେ ଭଲ ନମ୍ବର ରଖିବା ନୁହେଁ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିନ୍ତନଶକ୍ତି, ବିବେକ, ନିଷ୍ପତ୍ତି ଗ୍ରହଣ ଶକ୍ତା, ନୈତିକ ବିଚାରଶକ୍ତି ଓ ସାମାଜିକ ସଚେତନତାର ବିକାଶ ଘଟାଇବା ମଧ୍ୟ ଶିକ୍ଷାର ଅବିଚ୍ଛିନ୍ନ ଅଂଶ । ଏଥିପାଇଁ ପାଠ୍ୟପୁସ୍ତକରେ ଏପରି କାହାଣୀ, ଜୀବନୀ, ଘଟଣା, ଆଲୋଚନା, ପ୍ରକଳ୍ପ ଓ କାର୍ଯ୍ୟକଳାପ ସ୍ଥାନ ପାଇବା ଆବଶ୍ୟକ, ଯାହା ଶିଶୁକୁ ନିଜ ଆଚରଣର ଉଦ୍ଦେଶ୍ୟ ବିଚାର କରିବାକୁ ଏବଂ ଦୈନନ୍ଦିନ ଜୀବନରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ପ୍ରେରିତ କରିବ । ଜାତୀୟ ପାଠ୍ୟକ୍ରମ ରୂପରେଖାର ମୂଳ ଭାବନା ସହିତ ସମନ୍ୱୟ ରଖି ପ୍ରାଥମିକ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକରେ ମଧ୍ୟ ପ୍ରାଚୀନ ଜୀବନ, ଓଡ଼ିଆ ସଂସ୍କୃତି, ଲୋକପରମ୍ପରା, ମାଆପୁଅଙ୍କ ଜୀବନୀ, ସମାଜସେବା ଓ ପ୍ରକୃତି ସୁରକ୍ଷା ସମ୍ପର୍କିତ ଉଦାହରଣକୁ ଅଧିକ ସ୍ଥାପିତ ଦେବା ଉପଯୋଗୀ ହେବ । ତେବେ ନୈତିକ ଶିକ୍ଷାକୁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ସୀମିତ ନରଖି ଭାଷା, ସାମାଜିକ ବିଜ୍ଞାନ, ବିଜ୍ଞାନ, କଳା, ଖେଳକୁଦ ଓ ବିଦ୍ୟାଳୟର ବିଭିନ୍ନଦିନ କାର୍ଯ୍ୟକଳାପ ସହିତ ସମନ୍ୱିତ କରାଯିବା ଆବଶ୍ୟକ । ଏକାସ୍ତରୀୟ ମୂଲ୍ୟବୋଧ କେବଳ ପାଠ୍ୟପୁସ୍ତକରେ ଲିଖିତ ଉପଦେଶ ଭାବେ ରହିବ ନାହିଁ, ବରଂ ଶିକ୍ଷକ ଜୀବନଚର୍ଯ୍ୟାର ଅଂଶ ହୋଇପାରିବ । ଏହି ପ୍ରସଙ୍ଗରେ ଆଉ ଏକ ଜଣ ଗୁରୁତ୍ୱପୂର୍ଣ୍ଣ । ପାଠ୍ୟପୁସ୍ତକରେ ନୈତିକ ମୂଲ୍ୟବୋଧ ସମ୍ବନ୍ଧିତ ପାଠ ରହିବା ଯେତିକି ଆବଶ୍ୟକ, ଶିକ୍ଷାଦାନ ପ୍ରଣାଳୀରେ ସେହି ମୂଲ୍ୟବୋଧର ପ୍ରୟୋଗ ମଧ୍ୟ ସେତିକି ଆବଶ୍ୟକ । ଉଦାହରଣସ୍ୱରୂପ, ଦଳଗତ କାର୍ଯ୍ୟ ମାଧ୍ୟମରେ ସହଯୋଗ, ଶୃଙ୍ଖଳା ଆଲୋଚନା ମାଧ୍ୟମରେ ମତଭେଦ ପ୍ରତି ସମ୍ମାନ, ପ୍ରକଳ୍ପ କାର୍ଯ୍ୟ ମାଧ୍ୟମରେ ଦାୟିତ୍ୱବୋଧ ଏବଂ ସାମାଜିକ ସେବା ମାଧ୍ୟମରେ ସହାନୁଭୂତିର ବିକାଶ ଘଟାଯାଇପାରିବ । ଶିକ୍ଷୟୁ କେବଳ ନିୟମ ମାନିବାକୁ କହିବା ପରିବର୍ତ୍ତେ ସେହି ନିୟମର ଆବଶ୍ୟକତା ଓ ନୈତିକ ଯଥାର୍ଥତା ବୁଝାଇବା ଉଚିତ । ଏଭଳିକା ତାଙ୍କ ମଧ୍ୟରେ ଅନ୍ତଃ ଅନୁକରଣ ପରିବର୍ତ୍ତେ ଚିନ୍ତନ ଓ ବିବେକସମ୍ମତ ଆଚରଣର ବିକାଶ ଘଟିପାରିବ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଦ୍ୟାଳୟ ହେଉଛି ଶିଶୁର ଦ୍ୱିତୀୟ ପରିବାର ଏବଂ ଶିକ୍ଷକ ତା'ର ଜୀବନ ଗଠନର ଅନ୍ୟତମ ପ୍ରଥମପ୍ରଦର୍ଶକ । ବିଦ୍ୟାଳୟରେ ନୈତିକ ମୂଲ୍ୟବୋଧର ଶିକ୍ଷା କେବଳ ପାଠ୍ୟପୁସ୍ତକରେ ନୀତିବାକ୍ୟ ପଢ଼ାଇବା କିମ୍ବା ଉପଦେଶ ଦେବାରେ ସୀମିତ ରହିବା ଉଚିତ ନୁହେଁ । ଏହା ଛାତ୍ରଛାତ୍ରୀଙ୍କ ଦୈନନ୍ଦିନ ଆଚରଣ ଓ ଜୀବନଶୈଳୀରେ ପ୍ରତିଫଳିତ ହେବା ଆବଶ୍ୟକ । ଉଦାହରଣସ୍ୱରୂପ, ଜଣେ ଛାତ୍ର ପରୀକ୍ଷା ସମୟରେ ନକଲ କରିବାର ସୁଯୋଗ ପାଇ ମଧ୍ୟ ନିଜ ବିବେକକୁ ଅନୁସରଣ କରି ନିଜେ ଉତର ଲେଖିବା ଦେଖିଶିକ୍ଷୟିତ୍ରୀ ପରିଚୟ । ବିଦ୍ୟାଳୟ ପରିସରରେ ଜାଣିଶୁଣି ଭୁଲ କାମ କଲେ ଶିକ୍ଷକ ତାକୁ ଦଣ୍ଡ ଦେବା ପରିବର୍ତ୍ତେ ସେହି ଭୁଲ କାମ ପାଇଁ ନିଜ ଭୁଲ ସ୍ୱୀକାର କରିବା ଏବଂ ଭବିଷ୍ୟତରେ ସେପରି ନକରିବାକୁ ପ୍ରତିଶ୍ରୁତି ଦେବାକୁ ପ୍ରେରିତ କରିବା ଅଧିକ ଫଳପ୍ରଦ ହୋଇପାରେ । ଏଭଳି ଘଟଣା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦାୟିତ୍ୱବୋଧ, ସତ୍ୟନିଷ୍ଠା ଓ ଆତ୍ମସମ୍ମାନ ବୃଦ୍ଧି କରିବ । ଶିକ୍ଷୟିତ୍ରୀ ଶ୍ରେଣୀକକ୍ଷରେ ଶୃଙ୍ଖଳା ବଜାୟ ରଖିବା ପାଇଁ ଶାସ୍ତି ଦେବା ପରିବର୍ତ୍ତେ ଶିଶୁମାନଙ୍କୁ ନିଜେ ନିୟମ ତିଆରି କରିବାକୁ ଉତ୍ସାହିତ କରିପାରନ୍ତି । ଏଭଳି ପଦକ୍ଷେପ ଶିଶୁମାନଙ୍କ ମଧ୍ୟରେ ଦାୟିତ୍ୱବୋଧ ଓ ସହଯୋଗର ମନୋଭାବ ସୃଷ୍ଟି କରିବ । ଏଥିରେ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସୁସ୍ଥ ସମ୍ପର୍କ ଗଢ଼ିତୋଳିବାରେ ମଧ୍ୟ ସାହାଯ୍ୟ କରିବ । ଶିକ୍ଷକ ଯଦି ସମୟାନୁବର୍ତ୍ତୀ, ସତ୍ୟନିଷ୍ଠ, ନିଷ୍ପକ୍ଷ ଓ ଶୃଙ୍ଖଳିତ ହୁଅନ୍ତି, ତେବେ ଛାତ୍ରଛାତ୍ରୀ ତାଙ୍କ ଆଚରଣରୁ ନୈତିକତାର ପାଠ ଶିଖିପାରିବେ । ଅବ୍ୟବସାୟୀ, ଶୈଶବକ କଥା ଓ ଜାଡ଼ି ମଧ୍ୟରେ ପାର୍ଥକ୍ୟ ରହିବେ ନୈତିକ ଉପଦେଶର ପ୍ରଭାବ ଶୀଘ୍ର ହୋଇଯାଏ । ତେଣୁ ଶିକ୍ଷକ କେବଳ ଜ୍ଞାନର ପ୍ରଦାତା ନୁହନ୍ତି, ସେ ନିଜ ଆଚରଣ ମାଧ୍ୟମରେ ମୂଲ୍ୟବୋଧର ଜୀବନ୍ତ ଦୃଷ୍ଟାନ୍ତ ହୋଇଯାଏ । ତେଣୁ ଶିକ୍ଷକ ନିଜେ ନୈତିକ ଉପଦେଶର ପ୍ରଭାବ ଶୀଘ୍ର ହୋଇଯାଏ । ତେଣୁ ଶିକ୍ଷୟିତ୍ରୀ ଆବଶ୍ୟକ ହେଲେ ନିଜର ଭୁଲ ସ୍ୱୀକାର କରିବା, ସମୟାନୁବର୍ତ୍ତୀ ହେବା, ଶୃଙ୍ଖଳା ରକ୍ଷା କରିବା ଏବଂ ପକ୍ଷପାତଶୂନ୍ୟ ଆଚରଣ କରିବା ଆବଶ୍ୟକ । ଏଭଳି ଆଚରଣ ଶିଶୁମାନଙ୍କ ପାଇଁ ଜୀବନ୍ତ ଶିକ୍ଷା ହୋଇଥାଏ । ଏଥିରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସୁସ୍ଥ ସମ୍ପର୍କ ଗଢ଼ିତୋଳିବାରେ ମଧ୍ୟ ସାହାଯ୍ୟ କରିବ । ଏଥିରେ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସୁସ୍ଥ ସମ୍ପର୍କ ଗଢ଼ିତୋଳିବାରେ ମଧ୍ୟ ସାହାଯ୍ୟ କରିବ । ଶିକ୍ଷକ ଯଦି ସମୟାନୁବର୍ତ୍ତୀ, ସତ୍ୟନିଷ୍ଠ, ନିଷ୍ପକ୍ଷ ଓ ଶୃଙ୍ଖଳିତ ହୁଅନ୍ତି, ତେବେ ଛାତ୍ରଛାତ୍ରୀ ତାଙ୍କ ଆଚରଣରୁ ନୈତିକତାର ପାଠ ଶିଖିପାରିବେ । ଅବ୍ୟବସାୟୀ, ଶୈଶବକ କଥା ଓ ଜାଡ଼ି ମଧ୍ୟରେ ପାର୍ଥକ୍ୟ ରହିବେ ନୈତିକ ଉପଦେଶର ପ୍ରଭାବ ଶୀଘ୍ର ହୋଇଯାଏ । ତେଣୁ ଶିକ୍ଷକ କେବଳ ଜ୍ଞାନର ପ୍ରଦାତା ନୁହନ୍ତି, ସେ ନିଜ ଆଚରଣରେ ମୂଲ୍ୟବୋଧର ଜୀବନ୍ତ ଦୃଷ୍ଟାନ୍ତ ହୋଇଯାଏ । ତେଣୁ ଶିକ୍ଷୟିତ୍ରୀ ଆବଶ୍ୟକ ହେଲେ ନିଜର ଭୁଲ ସ୍ୱୀକାର କରିବା, ସମୟାନୁବର୍ତ୍ତୀ ହେବା, ଶୃଙ୍ଖଳା ରକ୍ଷା କରିବା ଏବଂ ପକ୍ଷପାତଶୂନ୍ୟ ଆଚରଣ କରିବା ଆବଶ୍ୟକ । ଏଭଳି ଆଚରଣ ଶିଶୁମାନଙ୍କ ପାଇଁ ଜୀବନ୍ତ ଶିକ୍ଷା ହୋଇଥାଏ । ଏଥିରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସୁସ୍ଥ ସମ୍ପର୍କ ଗଢ଼ିତୋଳିବାରେ ମଧ୍ୟ ସାହାଯ୍ୟ କରିବ । ଏଥିପାଇଁ ପାଠ୍ୟପୁସ୍ତକରେ ଏପରି କାହାଣୀ, ଜୀବନୀ, ଘଟଣା, ଆଲୋଚନା, ପ୍ରକଳ୍ପ ଓ କାର୍ଯ୍ୟକଳାପ ସ୍ଥାନ ପାଇବା ଆବଶ୍ୟକ, ଯାହା ଶିଶୁକୁ ନିଜ ଆଚରଣର ଉଦ୍ଦେଶ୍ୟ ବିଚାର କରିବାକୁ ଏବଂ ଦୈନନ୍ଦିନ ଜୀବନରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ପ୍ରେରିତ କରିବ । ଜାତୀୟ ପାଠ୍ୟକ୍ରମ ରୂପରେଖାର ମୂଳ ଭାବନା ସହିତ ସମନ୍ୱୟ ରଖି ପ୍ରାଥମିକ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକରେ ମଧ୍ୟ ପ୍ରାଚୀନ ଜୀବନ, ଓଡ଼ିଆ ସଂସ୍କୃତି, ଲୋକପରମ୍ପରା, ମାଆପୁଅଙ୍କ ଜୀବନୀ, ସମାଜସେବା ଓ ପ୍ରକୃତି ସୁରକ୍ଷା ସମ୍ବନ୍ଧିତ ଉଦାହରଣକୁ ଅଧିକ ସ୍ଥାପିତ ଦେବା ଉପଯୋଗୀ ହେବ । ତେବେ ନୈତିକ ଶିକ୍ଷାକୁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ସୀମିତ ନରଖି ଭାଷା, ସାମାଜିକ ବିଜ୍ଞାନ, ବିଜ୍ଞାନ, କଳା, ଖେଳକୁଦ ଓ ବିଦ୍ୟାଳୟର ବିଭିନ୍ନଦିନ କାର୍ଯ୍ୟକଳାପ ସହିତ ସମନ୍ୱିତ କରାଯିବା ଆବଶ୍ୟକ । ଏକାସ୍ତରୀୟ ମୂଲ୍ୟବୋଧ କେବଳ ପାଠ୍ୟପୁସ୍ତକରେ ଲିଖିତ ଉପଦେଶ ଭାବେ ରହିବ ନାହିଁ, ବରଂ ଶିକ୍ଷକ ଜୀବନଚର୍ଯ୍ୟାର ଅଂଶ ହୋଇପାରିବ । ଏହି ପ୍ରସଙ୍ଗରେ ଆଉ ଏକ ଜଣ ଗୁରୁତ୍ୱପୂର୍ଣ୍ଣ । ପାଠ୍ୟପୁସ୍ତକରେ ନୈତିକ ମୂଲ୍ୟବୋଧ ସମ୍ବନ୍ଧିତ ପାଠ ରହିବା ଯେତିକି ଆବଶ୍ୟକ, ଶିକ୍ଷାଦାନ ପ୍ରଣାଳୀରେ ସେହି ମୂଲ୍ୟବୋଧର ପ୍ରୟୋଗ ମଧ୍ୟ ସେତିକି ଆବଶ୍ୟକ । ଉଦାହରଣସ୍ୱରୂପ, ଦଳଗତ କାର୍ଯ୍ୟ ମାଧ୍ୟମରେ ସହଯୋଗ, ଶୃଙ୍ଖଳା ଆଲୋଚନା ମାଧ୍ୟମରେ ମତଭେଦ ପ୍ରତି ସମ୍ମାନ, ପ୍ରକଳ୍ପ କାର୍ଯ୍ୟ ମାଧ୍ୟମରେ ଦାୟିତ୍ୱବୋଧ ଏବଂ ସାମାଜିକ ସେବା ମାଧ୍ୟମରେ ସହାନୁଭୂତିର ବିକାଶ ଘଟାଯାଇପାରିବ । ଶିକ୍ଷୟୁ କେବଳ ନିୟମ ମାନିବାକୁ କହିବା ପରିବର୍ତ୍ତେ ସେହି ନିୟମର ଆବଶ୍ୟକତା ଓ ନୈତିକ ଯଥାର୍ଥତା ବୁଝାଇବା ଉଚିତ । ଏଭଳିକା ତାଙ୍କ ମଧ୍ୟରେ ଅନ୍ଧ ଅନୁକରଣ ପରିବର୍ତ୍ତେ ସୃଦ୍ଧାନ ଚିନ୍ତନ ଓ ବିବେକସମ୍ମତ ଆଚରଣର ବିକାଶ ଘଟିପାରିବ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଦ୍ୟାଳୟ ହେଉଛି ଶିଶୁର ଦ୍ୱିତୀୟ ପରିବାର ଏବଂ ଶିକ୍ଷକ ତା'ର ଜୀବନ ଗଠନର ଅନ୍ୟତମ ପ୍ରଥମପ୍ରଦର୍ଶକ । ବିଦ୍ୟାଳୟରେ ନୈତିକ ମୂଲ୍ୟବୋଧର ଶିକ୍ଷା କେବଳ ପାଠ୍ୟପୁସ୍ତକରେ ନୀତିବାକ୍ୟ ପଢ଼ାଇବା କିମ୍ବା ଉପଦେଶ ଦେବାରେ ସୀମିତ ରହିବା ଉଚିତ ନୁହେଁ । ଏହା ଛାତ୍ରଛାତ୍ରୀଙ୍କ ଦୈନନ୍ଦିନ ଆଚରଣ ଓ ଜୀବନଶୈଳୀରେ ପ୍ରତିଫଳିତ ହେବା ଆ



ଆରମ୍ଭ

SEITHO ARAMBHA



ଶନିବାର, ୧୫ ନଭେମ୍ବର, ୨୦୨୨ : ବାଲେଶ୍ୱର : ପୃଷ୍ଠା -୫

ପୁରୀ ବଡ଼ଦାଣ୍ଡରେ ବିସ୍ଫୋରଣରେ ଥରିଲା ରେଷ୍ଟୁରାଂଟ

ପୁରୀ, ୧୩/୧୧ (ଆ.ପ୍ର) : ଶୁକ୍ରବାର ଅପରାହ୍ନ ରେ ବଡ଼ଦାଣ୍ଡରେ ଏକ ହୋଟେଲରେ ହଠାତ୍ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା । ଅନୁସନ୍ଧାନରୁ ଜଣାପଡ଼ିଥିଲା ଯେ ହୋଟେଲର ନବୀକରଣ କାର୍ଯ୍ୟ ଚାଲିଥିବା ବେଳେ ଅସାବଧାନତା ବଶତଃ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା ପରିରେ ୩ ଜଣ ହୋଟେଲ କର୍ମଚାରୀଙ୍କ ସମେତ ଉଦ୍ଧାର ପାଇଁ ଯାଇଥିବା ଜଣେ ଅଫ୍ଟିକ ଆହତ ହୋଇଛନ୍ତି । ଆହତଙ୍କୁ ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଖବର ପାଇଁ ଏସପି ପ୍ରତାପ ସିଂହଙ୍କ ସହ ସିଡି ଡିଏସପି,ବିଜୁ ଥାନାର ଅଧିକାରୀ, ଅଗ୍ନିଶମ ଅଧିକାରୀ ଘଟଣାସ୍ଥଳକୁ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ସୌଭାଗ୍ୟ ବଶତଃ ହୋଟେଲରେ ପୁନଃ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ କୌଣସି ପର୍ଯ୍ୟଟକ ହୋଟେଲରେ ନଥିଲେ । ତେବେ ହୋଟେଲ ନୂଆ



ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ । ତେବେ ହୋଟେଲ ଭିତ୍ତି ଭିତରେ ଜଣେ ଫସି ରହିଥିଲେ । ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବାବେଳେ ଜାତ ପଂଡିଥିବାରୁ ଜଣେ ଅଗ୍ନିକ ମଧ୍ୟ ଆହତ ହୋଇଛନ୍ତି । ଏହି ଖବର ଜଣାପଡିବା ପରେ ବଡ଼ଦାଣ୍ଡରେ ଶତାଧିକ ଲୋକଙ୍କ ଭିଡ଼ ମାଡିଥିଲା । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଜାତ ପାଟି ଭାଷା ଦେଇ ଯାଇଥିବା ଲୋକଙ୍କ ଉପରେ ପଡ଼ିଥିଲା । ପୋଡ଼ି ଯାଇଥିବା ହୋଟେଲ କର୍ମଚାରୀ ଓ ଅଗ୍ନିଶମ କର୍ମଚାରୀଙ୍କୁ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ହୋଟେଲ ପରିସରରେ ଥିବା କର୍ମଚିଆଲ ଗ୍ୟାସ ସିଲିଣ୍ଡର ଗୁଡିକୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା । ହୋଟେଲର ଅନ୍ତି ନିର୍ମାଣରେ ବ୍ୟବସ୍ତା ସହ ସୁରକ୍ଷା ବ୍ୟବସ୍ତା ଯାଂଚ କରାଯିବ ବୋଲି ଏସପି କହିଛନ୍ତି ।

ଆକ୍ରମଣ ଏବଂ ଦାହାବଢି ମାମଲାରେ ୩ ଅଭିଯୁକ୍ତ ଗିରଫ

ପୁରୀ, ୧୩/୧୧ (ଆ.ପ୍ର) : ପୁରୀ ଟାଉନ ଥାନା ପୋଲିସ ପକ୍ଷରୁ ଏକ ପ୍ରୌଢ଼ ଦାରୁ



ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତମାନଙ୍କ ଠାରୁ ମୋଟାଇଲ, ବ୍ୟବହୃତ ବାଇକ୍ ଏବଂ ଆପତି ଜନକ ସାମଗ୍ରୀ ଜବତ କରାଯାଇଛି । ସୂଚନା ଅନୁସାରେ ଶ୍ରୀକୃଷ୍ଣ ସିନେମା ହଲ ଗଳି ରେ ଦାବାଦତି ଆରମ୍ଭ ଏବଂ ଆକ୍ରମଣ ମାମଲାରେ ବିଜୟନ୍ତ ରାଉତେ ଶ୍ରୀକୃଷ୍ଣ ସିନେମା ହଲ ଗଳି ନିଜତରେ ତିନି ଜଣ ଆଂଟି ଘୋସିଆର ଟଙ୍କା ବଟି ମାଗି ଘରା ଦୋକାନୀଙ୍କୁ ଆକ୍ରମଣ କରିଥିଲେ । ଖବର ପାଇ ଟାଉନଆନା ପୋଲିସ୍ ଘଟଣାସ୍ଥଳକୁ ପହଂଚି ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲ । ଅଭିଯୁକ୍ତ ବାଲୁଜ କୁମାର ଦାସ (୨୧), ବୃଦ୍ଧଜ ସାହି, ପିଜୁ ଲୋଇ(୧୯), ଜଗନ୍ନାଥ ବଲୁଜ, ରାଜକିଶୋର ବେହେରା (୨୨), ବୃଦ୍ଧଜ ସାହି, ଖୁଣ୍ଟିଆ ବଗିଚାର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ସମସ୍ତ ଅଭିଯୁକ୍ତଙ୍କୁ ମାନ୍ୟବର ଏସ୍‌ଡିଜେଏମ୍ ପୁରୀଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା । ମାତ୍ର ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ପୁରୀ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି । ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଛି ବୋଲି ପୁରୀ ପୋଲିସ ତରଫରୁ ସୂଚନା ମିଳିଛି ।

ଅତର୍କିତ ଆକ୍ରମଣ ଘଟଣାରେ ଦୋଷୀ ସାବ୍ୟସ୍ତ, ୪ମାସ ଜେଲଦଣ୍ଡ

ପାରଜାଖୋମୁଣ୍ଡି, ୧୩/୧୧ (ଆ.ପ୍ର) : ଅତର୍କିତ ଭାବେ ଆକ୍ରମଣ କରି ଜୀବନରେ ମାରିଦେବା ଧମକ ଦେବା ଭଳି ଏକ ପଟିକ ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ଜାଖୀନଗର ସ୍ଥାନ ନ୍ୟାୟାଧିକାରୀ ତଥା ଜେଏମ୍‌ଏଫସି ସବ୍ୟାଜିତ ପାଣି ରାଉତରାୟ ପିଙ୍କାର କୋର୍ଟର ଧାରା ୩୨୩ରେ ଜାଖୀନଗର ଥାନା ଅନ୍ତର୍ଗତ ବିଜିଗାଁର ଅଭିଯୁକ୍ତ ପଣସ ଧର୍ମା ରାଓ (୩୨ବର୍ଷ)କୁ ଦୋଷୀ ସାବ୍ୟସ୍ତ କରି ତାଜିମାସର ସଜା ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସହାୟକ ପବ୍ଲିକ ପ୍ରସିକ୍ୟୁଟର (ଏପିପି) ଶ୍ରୀନିବାସ ରାଓ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ତା ୩୦.୦୩.୨୦୨୨ରିଖ ସକାଳ ପ୍ରାୟ ୬:୩୦ ସମୟରେ, ଏଡାଲାକାରି ସିଙ୍ଗମ ନାନାଙ୍କୀ ନିଜର ନିତ୍ୟକର୍ମ ସାରି ଘାଟ ପଛପଟୁ ଆସି ସେହି ଜେଂଟି ସାହାଯ୍ୟରେ ତାଙ୍କ ମୁଣ୍ଡ ଉପରେ ଆକ୍ରମଣ କରି ତାଙ୍କୁ ଜହ୍ନୁଲୁହାର କରିଦେଇଥିଲେ । ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କ ଝାଡିକୁ ଜାମୁଡ଼ି ଝାଡାକ୍ତ ମଧ୍ୟ କରିଦେଇଥିଲେ । ସୂଚନାଯୋଗ୍ୟ, ଏହି ଘଟଣା ପୂର୍ବରୁ ଦୋଳ ଜାତରାରେ ଅଭିଯୁକ୍ତ ଜଣକ ବାରମ୍ବାର ତାଙ୍କୁ ଆକ୍ରମଣ କରିଆସୁଥିବା ଏବଂ ତାଙ୍କୁ ଜାଣରୁ ମାରିଦେବାକୁ ଅଭିଯୁକ୍ତ ତାଙ୍କ ଝାଡିକୁ ଜାମୁଡ଼ି ଝାଡାକ୍ତ ମଧ୍ୟ କରିଦେଇଥିଲେ । ସୂଚନାଯୋଗ୍ୟ, ଏହି ଘଟଣା ପୂର୍ବରୁ ଦୋଳ ଜାତରାରେ ଅଭିଯୁକ୍ତ ଜଣକ ବାରମ୍ବାର ତାଙ୍କୁ ଆକ୍ରମଣ କରିଆସୁଥିବା ଏବଂ ତାଙ୍କୁ ଜାଣରୁ ମାରିଦେବାକୁ ଅଭିଯୁକ୍ତ ତାଙ୍କ ଝାଡିକୁ ଜାମୁଡ଼ି ଝାଡାକ୍ତ ମଧ୍ୟ କରିଦେଇଥିଲେ । ଏହାର ପ୍ରତିବାଦ କରିବାର



ଶ୍ରୀରାମ୍ଭ ଆରମ୍ଭ

SEITHO ARAMBHA



ଶନିବାର, ୧୪ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଗୁଣପୁର ଅଂଚଳରେ ବାଘଛାଲ ଚୋରା କାରବାର ଠାବ, ୪ ଗିରଫ



ଗୁଣପୁର, ୧୩/୧୧ (ଆ.ପ୍ର) : ରାୟଗଡ଼ା ଜିଲ୍ଲାରେ ବନ୍ୟଜନ୍ତୁ ଶିକାର ଓ ଚୋରା କାରବାରର ଏକ ଘଟଣା ସାମ୍ନାକୁ ଆସିଛି । ଗୁଣପୁର-ଗୁଡ଼ାରି ବନଖଣ୍ଡ ଅଧୀନ ନାଇରା ସେକ୍ସନ ଜଙ୍ଗଲପାଟୁ ନିକଟରେ ବନ ବିଭାଗ ଚଢ଼ାଉ କରି ଏକ ଜଳଚାପରଶିଆ ବାଘର ଛାଲ ଜବତ କରିଛି । ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଡିଏଫ୍‌ଓ ନିର୍ଦ୍ଦେଶକ୍ରମେ ବନ ବିଭାଗର ଏକ ସ୍ପେଶ୍ୟାଲ ଟିମ୍ ଗୁଣପୁର ରେଞ୍ଜର ଜମିଦାରୀମାନେ ଏହି ଅଭିଯାନରେ ସାମିଲ ହୋଇଥିଲେ । ବନ ବିଭାଗ ପକ୍ଷରୁ ଜବତ ବାଘଛାଲର ମାପ କରାଯାଇଥିବାବେଳେ ଏହାର ଓଜନ ୧୦୭ ସେଂଟିମିଟର ଓ ଲମ୍ବ ୨୫୦ ସେଂଟିମିଟର ରହିଥିବା ଏସିଏଫ୍ ସତ୍ତିଜନବ ସେଠୀ ପ୍ରକାଶ କରିଛନ୍ତି । ଅଭିଯୁକ୍ତମାନଙ୍କଠାରୁ ବାଘଛାଲ ସମେତ ୩ଟି ମୋଟରସାଇକେଲ୍ ଓ ୪ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଜବତ ବାଘଛାଲ ଜେଜଁ ଅଂଚଳର ବାଘର ଏବଂ ଏହାର ଶିକାରରେ ଆଉ ଜେଜିମାନଙ୍କର ହାତ ରହିଛି, ସେମାନେ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ କରାଯାଉଛି । ଏହି ଘଟଣା ପଛରେ ଇନ୍ଧିନ୍ଦ୍ରା ବନ୍ୟଜନ୍ତୁ ଶିକାର ଓ ଚୋରା କାରବାରର ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ତତ୍ପର ଜାରି ରହିଛି ।

ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେଲା ୩୫ତମ ଡ ହରେକୃଷ୍ଣ ମହତାବ ମେମୋରିଆଲ ଫାଉଣ୍ଡେସନ ଲେକ୍ଚର



ଭୁବନେଶ୍ୱର, ୧୩/୧୧ (ଆ.ପ୍ର) : ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଡ. ହରେକୃଷ୍ଣ ମହତାବ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ଭବନରେ ୩୫ତମ ଡ. ହରେକୃଷ୍ଣ ମହତାବ ଫାଉଣ୍ଡେସନ ମେମୋରିଆଲ ଲେକ୍ଚର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଅପରାହ୍ନ ୩ଟାରେ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ହରେକୃଷ୍ଣ ମହତାବଙ୍କ ଜୀବନ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ତଥା ଲବ୍ଧପ୍ରତିଷ୍ଠ ଓଡ଼ିଆ ସାହିତ୍ୟିକ ପ୍ରଫେସର ଡ. ଶରତ୍ ଚନ୍ଦ୍ର ବେହେରା । ଅଧ୍ୟକ୍ଷତା କରିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଡ. ଅରୁଣ କୁମାର ସାହୁ । ଅତିଥିମାନଙ୍କୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପ୍ରଫେସର ଡ. ଅଜୟ କୁମାର ପାତ୍ର । ଏହି ଅବସରରେ ମହତାବଙ୍କ ଦିଗନ୍ତାରୀ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ବହି ଉତ୍ସୋତିତ ହୋଇଥିଲା । ସେଗୁଡ଼ିକ ମଧ୍ୟରେ ନୟାକାଳ କୁଲ ଗୁଚ୍ଛ ଦ୍ୱାରା ପ୍ରକାଶିତ ତଥା ଇଦ୍ରାଣି ମହତାବ, ତଣ୍ଡା ପ୍ରସାଦ ନନ୍ଦ, ଗୋବିନ୍ଦ ଚନ୍ଦ୍ର ତାହ ଓ ଗୁରୁଦେବ ମେହେରଙ୍କ ଦ୍ୱାରା ସମ୍ପାଦିତ 'ଉତ୍କଳ କେଶରୀ: ପ୍ରୋଜିନ୍ଦ୍ରିଆଲାଇଟିଂ ଦ ଗ୍ରାମାର୍ ଅଫ୍ ଏ ରିପବ୍ଲିକ୍' ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରେସ୍ ଦ୍ୱାରା ପୁନଃମୁଦ୍ରିତ ଦୁଇଟି ବହି - ପ୍ରଭାତ ମୁଖାର୍ଜୀଙ୍କ ରଚିତ 'ଉତ୍କଳ ୟୁନିଭର୍ସିଟି ହିଷ୍ଟ୍ରି ଅଫ୍ ଓଡ଼ିଶା' (ଖଣ୍ଡ ଖଣ୍ଡ) ଏବଂ ଡ. ହରେକୃଷ୍ଣ ମହତାବଙ୍କ ମୁଖ୍ୟ ସମ୍ପାଦନା ଓ ସୁଶାଲ ଚନ୍ଦ୍ର ଦେ'ଙ୍କ ସମ୍ପାଦନାରେ ପ୍ରସ୍ତୁତ 'ହିଷ୍ଟ୍ରି ଅଫ୍ ଦ ଫ୍ରିଡମ୍ ମୁଭମେଣ୍ଟ ଇନ୍ ଓଡ଼ିଶା' (ପ୍ରଥମ ଖଣ୍ଡ)ର ଦ୍ୱିତୀୟ ସଂସ୍କରଣ ଅନ୍ତର୍ଭୁକ୍ତ । ବିଶ୍ୱବିଦ୍ୟାଳୟ ଦ୍ୱାରା ଅବସରରେ ମହତାବଙ୍କ ଦିଗନ୍ତାରୀ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ବହି ଉତ୍ସୋତିତ ହୋଇଥିଲା । ସେଗୁଡ଼ିକ ମଧ୍ୟରେ ନୟାକାଳ କୁଲ ଗୁଚ୍ଛ ଦ୍ୱାରା ପ୍ରକାଶିତ ତଥା ଇଦ୍ରାଣି ମହତାବ, ତଣ୍ଡା ପ୍ରସାଦ ନନ୍ଦ, ଗୋବିନ୍ଦ ଚନ୍ଦ୍ର ତାହ ଓ ଗୁରୁଦେବ ମେହେରଙ୍କ ଦ୍ୱାରା ସମ୍ପାଦିତ 'ଉତ୍କଳ କେଶରୀ: ପ୍ରୋଜିନ୍ଦ୍ରିଆଲାଇଟିଂ ଦ ଗ୍ରାମାର୍ ଅଫ୍ ଏ ରିପବ୍ଲିକ୍' ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରେସ୍ ଦ୍ୱାରା ପୁନଃମୁଦ୍ରିତ ଦୁଇଟି ବହି - ପ୍ରଭାତ ମୁଖାର୍ଜୀଙ୍କ ରଚିତ 'ଉତ୍କଳ ୟୁନିଭର୍ସିଟି ହିଷ୍ଟ୍ରି ଅଫ୍ ଓଡ଼ିଶା' (ଖଣ୍ଡ ଖଣ୍ଡ) ଏବଂ ଡ. ହରେକୃଷ୍ଣ ମହତାବଙ୍କ ମୁଖ୍ୟ ସମ୍ପାଦନା ଓ ସୁଶାଲ ଚନ୍ଦ୍ର ଦେ'ଙ୍କ ସମ୍ପାଦନାରେ ପ୍ରସ୍ତୁତ 'ହିଷ୍ଟ୍ରି ଅଫ୍ ଦ ଫ୍ରିଡମ୍ ମୁଭମେଣ୍ଟ ଇନ୍ ଓଡ଼ିଶା' (ପ୍ରଥମ ଖଣ୍ଡ)ର ଦ୍ୱିତୀୟ ସଂସ୍କରଣ ଅନ୍ତର୍ଭୁକ୍ତ । ବିଶ୍ୱବିଦ୍ୟାଳୟ ଦ୍ୱାରା ପୁନଃପ୍ରକାଶିତ ଏହି ଦୁଇଟି ବହିରେ ସାଂସଦ ଡ. ଇଦ୍ରାଣି ମହତାବ ମୁଖବନ୍ଧ ଏବଂ କୁଳପତି ପ୍ରଫେସର ତଣ୍ଡା ପ୍ରସାଦ ନନ୍ଦ ସମୀକ୍ଷାତ୍ମକ ଉପକ୍ରମଣିକା ଲେଖିଛନ୍ତି । ଏହି ମେମୋରିଆଲ ଲେକ୍ଚରରେ କୁଳପତି ପ୍ରଫେସର ତଣ୍ଡା ପ୍ରସାଦ ନନ୍ଦ ବକ୍ତବ୍ୟ ରଖିଛନ୍ତି, ବର୍ତ୍ତମାନର ସମୟ ପ୍ରସଙ୍ଗରେ ପ୍ରତିଯୋଗିତା ଓ ଏଆଇ ଯୁଗରେ ମହତାବଙ୍କ ଚିନ୍ତାଧାରା ଅତ୍ୟନ୍ତ ପ୍ରାସଙ୍ଗିକ । ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଡ. ମହତାବଙ୍କ ଦୂରଦୃଷ୍ଟି ଓ ବିକାଶଶୀଳ ଅର୍ଥନୈତିକ ଚିନ୍ତାଧାରାକୁ ପ୍ରଶଂସା କରିବା ସହ ସେ ଆଧୁନିକ ଓଡ଼ିଶା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଗଠନର ଅନ୍ୟତମ ପ୍ରମୁଖ ନିର୍ମାତା ବୋଲି କହିଥିବେ ପ୍ରଫେସର ନନ୍ଦ । ଏଥିସହ ନିଜ ପିତାଙ୍କ ଆଦର୍ଶକୁ ଆଗକୁ ନେଇ ସହ ଆଂଚଳିକ ଆକାଂକ୍ଷା ଓ ଜାତୀୟ ସ୍ୱାର୍ଥ ମଧ୍ୟରେ ସେତୁ ସାଜିଥିବା ସାଂସଦ ଡ. ଇଦ୍ରାଣି ମହତାବଙ୍କୁ ସେ ଉଚ୍ଚ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମର ଅନ୍ୟତମ ବିଶିଷ୍ଟ ଅତିଥି ତଥା ଭାରତ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡ. ବି. ଅନନ୍ତ ନାଗେଶ୍ୱରନ୍ ସ୍ୱାମୀଙ୍କୀ ଉତ୍ତରୀୟ ପ୍ରଦାନ କରି କହିଛନ୍ତି, ଭାରତ ବର୍ତ୍ତମାନ ଏକ ନୂତନ ଦିଗରେ ଆଗେଇ ଚାଲିଛି ଏବଂ ଏକ ବଡ଼ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛି । ବର୍ତ୍ତମାନର ସମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି ସେ ସାମ୍ପ୍ରତିକ ଅର୍ଥନୈତିକ ପରିବର୍ତ୍ତନଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦେବାକୁ ହେବ, ସେ ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ । ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ନାରାୟଣ ମିଶ୍ର ଡ. ମହତାବଙ୍କ ସୃଷ୍ଟିଚାରଣ କରି ତାଙ୍କୁ ସମସ୍ୟା ନୁହେଁ ବରଂ ସମାଧାନର ସୂତ୍ର ବୋଲି କହିବା ସହ ଓଡ଼ିଶାର ଏକତ୍ରୀକରଣ, ରାଜ୍ୟର ବିକାଶ ଏବଂ ବିଶ୍ୱବିଦ୍ୟାଳୟର ନିର୍ମାଣରେ ତାଙ୍କର ଅବଦାନକୁ ସ୍ମରଣ କରିଥିଲେ । ଏହି ମେମୋରିଆଲ ଲେକ୍ଚରରର ସଂଯୋଜକ ତଥା ଇଂରାଜୀ ବିଭାଗର ମୁଖ୍ୟ ପ୍ରଫେସର ଅସୀମ ରଞ୍ଜନ ପାତ୍ର। ପ୍ରାରମ୍ଭିକ ପରିଚୟ ଓ ସ୍ୱାଗତ ଜଣାଇଥିବା ବେଳେ କୁଳସଚିବ ଡ. ସ୍ୱାତୀ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଡ. ଏସ୍. ଦାସିକା ମଂଚ ପରିଚାଳନା କରିଥିଲେ । ପି.ଜି. କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଜଗେଶ୍ୱର ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ ସହ ସମାରୋହ ସମାପ୍ତ ହୋଇଥିଲା । ଏହି ଅବସରରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀ, ପୁରାତନ ଛାତ୍ରସଂଘ ସଦସ୍ୟ, ଶିକ୍ଷାବିତ୍, ବରିଷ୍ଠ ପ୍ରଶାସକ, ଜଣନେତା ଓ ଜଣିବାସ ପ୍ରେମୀ ବହୁ ସଂଖ୍ୟାରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

ବାଣୀଗୋଛା ମଣ୍ଡଳ ବିଜେପିର ସାଙ୍ଗଠନିକ ବୈଠକ



ଦଣ୍ଡପଲ୍ଲୀ, ୧୩/୧୧ (ଆ.ପ୍ର) : ଭାରତୀୟ ଜନତା ପାର୍ଟିର ଦଣ୍ଡପଲ୍ଲୀ ନିର୍ଦ୍ଦେଶନମଣ୍ଡଳୀ ଅନ୍ତର୍ଗତ ବାଣୀଗୋଛା ମଣ୍ଡଳର ଏକ ସାଙ୍ଗଠନିକ ବୈଠକ ଶୁକ୍ରବାର ଦିନ ବଡ଼ଚୟାପାଲୁସ୍ଥିତ ପୁରାତନ ମେଡିକାଲ ନିକଟରେ ମଣ୍ଡଳ ସଭାପତି ପୂର୍ବତନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ରାଜ୍ୟ ସଂଗଠନର ନିର୍ଦ୍ଦେଶ ଅନୁଯାୟୀ ଦୁଇଗରରେ ସାଙ୍ଗଠନିକ ବୈଠକ ଆୟୋଜନ, ସକ୍ଷମ ମଣ୍ଡଳ, ସକ୍ରିୟ ଶକ୍ତିକେନ୍ଦ୍ର ଓ ସଶକ୍ତ ବୁଥ୍ ଗଠନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସଙ୍ଗାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ଦଣ୍ଡପଲ୍ଲୀ ନଗର ପ୍ରଭାରୀ ଜିତେନ୍ଦ୍ର ଚନ୍ଦ୍ର ବଜବେହେରା, ମଣ୍ଡଳ ପ୍ରଭାରୀ ଚନ୍ଦ୍ରଶେଖର ଦାସ, ଅନୁସୂଚିତ ଜନଜାତି ଜିଲ୍ଲା ନେତୃତ୍ୱାଧୀନ ତରଲ ଇଞ୍ଜିନ ସରକାରଙ୍କ ବିତିନ୍ନ ଜନହିତକର କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଂଚାଇବା ସହ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବାକୁ ସେ ଆହ୍ୱାନ ଦେଇଥିଲେ । ବୈଠକରେ ରାଜ୍ୟ ସଂଗଠନର ନିର୍ଦ୍ଦେଶ ଅନୁଯାୟୀ ଦୁଇଗରରେ ସାଙ୍ଗଠନିକ ବୈଠକ ଆୟୋଜନ, ସକ୍ଷମ ମଣ୍ଡଳ, ସକ୍ରିୟ ଶକ୍ତିକେନ୍ଦ୍ର ଓ ସଶକ୍ତ ବୁଥ୍ ଗଠନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସଙ୍ଗାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ଦଣ୍ଡପଲ୍ଲୀ ନଗର ପ୍ରଭାରୀ ଜିତେନ୍ଦ୍ର ଚନ୍ଦ୍ର ବଜବେହେରା, ମଣ୍ଡଳ ପ୍ରଭାରୀ ଚନ୍ଦ୍ରଶେଖର ଦାସ, ଅନୁସୂଚିତ ଜନଜାତି ଜିଲ୍ଲା ସଭାପତି ପଦ୍ମଲୋଚନ ଜାନା, ପୂର୍ବତନ ବୁଥ୍ ଉପାଧ୍ୟକ୍ଷ ଦଣ୍ଡନ କୁମାର ସାହୁ, ପୂର୍ବତନ ସମିତି ସଭ୍ୟ ତଥା ସଂଗଠନ ନରେଶ କୁମାର ପ୍ରଧାନ, ପୂର୍ବତନ ସରପଂଚ ଜଟିତା ନାଏକ, ପୂର୍ବତନ ସମିତି ସଭ୍ୟ ନରେନ୍ଦ୍ର ନାଏକ ଓ ସିନିୟାରୀ ମଜିକ ଯୋଗଦେଇଥିଲେ । ବୈଠକରେ ମଣ୍ଡଳ କମିଟିର ସଦସ୍ୟ, ବିଜିନ୍ନ ମୋର୍ଚ୍ଚାର ସଭାପତି ଓ ଶକ୍ତିକେନ୍ଦ୍ର ପ୍ରମୁଖମାନେ ଉପସ୍ଥିତ ଥିଲେ । ମଣ୍ଡଳ ସାଧାରଣ ସମ୍ପାଦକ ବସନ୍ତ କୁମାର ସୁବୁଦ୍ଧି ସଭା ପରିଚାଳନା କରିଥିବେ । ଗୋଟୁକୁ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ମଣ୍ଡଳ ସଭାପତି ସଭା ସାଙ୍ଗ କରିଥିଲେ ।

ତୁଳସୀପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ

ନିମାପଡା, ୧୩/୧୧ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ତୁଳସୀପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଆଜି ଏକ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ବେଶ ଉତ୍ସାହ ଓ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ତୁଳସୀପୁର ଷ୍ଟେଟ୍ ବ୍ୟାଙ୍କର ଶାଖା ପରିଚାଳକ ବିପୁର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିପା ଜାତି ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅତିଥିମାନେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଜିନ୍ନ ଜ୍ଞାନଭିତ୍ତିକ ଓ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିବା ସହିତ ସେଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ପିଲାମାନଙ୍କଠାରୁ ପଚାରି ବୁଝିଥିଲେ ଏବଂ ସେମାନଙ୍କ ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ । ମେଳାରେ ବିଚାରକ ଭାବେ ଜୋଷାର୍ଟ ନୂଆଗାଁ ଜାତିକେଶ୍ୱର ବିଦ୍ୟାପୀଠର ଶିକ୍ଷକ ମାନସ ମୁଦୁଲି, ଚେରୁଣ୍ଡିଆ ନିମାମାନ୍ଦ ହାଇସ୍କୁଲର ଶିକ୍ଷକ ବୁଦ୍ଧନାଥ ପ୍ରଧାନ ଏବଂ ଅମରେଶ୍ୱର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିଚାଳନା କମିଟିର ସଭାପତି ବିଜ୍ଞବର ମୁଦୁଲି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ପୂର୍ତ୍ତା ପ୍ରସାଦ ତ୍ରିପାଠୀ, ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପୁଞ୍ଜାଳକ ଏବଂ ବିଜ୍ଞାନ ପ୍ରମୁଖ ବିମଳ କୁମାର ରାଉତ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ରତର୍ତ୍ତା, ବାପଇ ଦାସ, ବନମାଳୀ ରାଉତ, ନିମାଞ୍ଜନ ସେନ, ଏବଂ କମଳ ଲୋଚନ ବାଲିକ ପ୍ରମୁଖଙ୍କ ସମେତ ବିଦ୍ୟାପୀଠର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ ।

ପଂଚମ ଦିନରେ ମହାବୀର ମହୋତ୍ସବ ଆକର୍ଷଣ ସାଜିଲା ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଲୋକଗୀତ



ବବାନୀପାଟଣା, ୧୩/୧୧ (ଆ.ପ୍ର) : ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ମହାବୀର ମହୋତ୍ସବ-୨୦୨୬ ଆଜି ପଂଚମ ଦିନରେ ପଦାର୍ପଣ କରିଛି । ଆଜି ପୂର୍ବାହ୍ନରେ ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ଉଦଘାଟନ କରିବା ସହିତ ପୁରସ୍କାର ବିତରଣ ଓ ରଙ୍ଗୀନ ବ୍ୟାଟରଙ୍ଗ ଉନ୍ମୋଚନ କରିଥିଲେ । କଳାହାଣ୍ଡି ଆର୍ଟ ଫାଉଣ୍ଡେସନ ସହଯୋଗରେ ଆୟୋଜିତ ଶିଶୁ ଚିତ୍ରଶିକ୍ଷୀମାନଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା ଦର୍ଶକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ପ୍ରବୀର କୁମାର ବଳେଇ ଯୋଗ ଦେଇ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସଭାପତି ଶାନ୍ତନୁ ବେହେରା ମଂଚାସୀନ ଥିଲେ । ଅନୁଷ୍ଠାନର ସାଧାରଣ ସଂପାଦକ ସତ୍ୟନାରାୟଣ ସିଂହ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଯୁଗ୍ମ ସଂପାଦକ ସଞ୍ଜୀବ ସିଂହ ସଭା ପରିଚାଳନା ଓ ଉପସଭାପତି ସଞ୍ଜୟ କୁମାର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦେବାଦାରୀ ପଦ୍ଧତି ଖଡର, ଲୋକଜଳା କ୍ଷେତ୍ରରେ ଚିତ୍ରକଳା ଦାଶ, ଅରମାନ ଖାଁ ପ୍ରମୁଖ ଯୁବ କଳାକାର ସମ୍ମାନରେ ଅନୁଷ୍ଠାନ ସାଧାରଣୀ ତଥା ଅନ୍ତର୍ଜାତୀୟ ପାରା ବାଦ୍ୟମିଂଟନ ଖେଳାଳୀ ଆକାଶ ରଞ୍ଜନ ମୁଣ୍ଡ, ଖଞ୍ଜଣୀ ବାଦକ ପ୍ରେମକାନ୍ଦ ପ୍ରଧାନଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । ପରେ ପରେ ସର୍ବସାଧାରଣରେ ଲୋକଗୀତ ପ୍ରତିଯୋଗିତା ଓ ଲୋକନୃତ୍ୟ ପରିବେଷଣରେ ମହାବୀର ମଂଚ ଦୁଲୁକି ଉଠିଥିଲା ।

ବାଲିଆପାଳର ବୋହୂ ରଶ୍ମିତାଙ୍କୁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ବାଲିଆପାଳ, ୧୩/୧୧ (ଆ.ପ୍ର) : ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ବାଲିଆପାଳ ପାଇଁ ଗୌରବ ଆଣିଛନ୍ତି ଶିକ୍ଷୟତ୍ରୀ ରଶ୍ମିତା ସା । ଭୁବନେଶ୍ୱରସ୍ଥିତ ଜ୍ୟାପିଟାର ହାଇସ୍କୁଲ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଅଖି ଗ୍ରାମପଂଚାୟତର ଡାଙ୍ଗରପଡା ସରକାରୀ ଉଚ୍ଚ ବିଦ୍ୟାଳୟର ଷ୍ଟେଜ ଶିକ୍ଷୟତ୍ରୀ ରଶ୍ମିତା ସାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ସେ ସ୍ୱର୍ଗତ ନୀଳାମ୍ବର ସାହୁଙ୍କ ବୋହୂ ଏବଂ ଜୟନ୍ତୀ ସାଙ୍କ ଝିଅ । ସମସ୍ତ ରାଜ୍ୟରୁ ମନୋନୀତ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇବା ସହ ବାଲେଶ୍ୱର ଜିଲ୍ଲାରୁ ଏକମାତ୍ର ଶିକ୍ଷୟତ୍ରୀ ଭାବେ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏହି ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଥିଲେ । ରଶ୍ମିତାଙ୍କୁ ପ୍ରଫି, ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଶିକ୍ଷୟତ୍ରୀ ରଶ୍ମିତା ସୀ ଛାତ୍ରଛାତ୍ରୀଙ୍କୁ ନେଇ ବିଜିନ୍ନ କ୍ଷେତ୍ରରେ ଅନେକ ପୁରସ୍କାର ହାସଲ କରିଛନ୍ତି । ତାଙ୍କର ନିଷ୍ଠା, ଅକ୍ଲାନ୍ତ ପରିଶ୍ରମ ଓ ଶିକ୍ଷାଦାନ ପ୍ରତି ସମର୍ପଣ ଭାବ ହିଁ ଏହି ସଫଳତାର ମୁଖ୍ୟ କାରଣ ବୋଲି କୁହାଯାଇଛି ।ଏହି ସଫଳତା ପାଇଁ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ, ବାଲିଆପାଳ ବ୍ଲକ ଶିକ୍ଷାଧିକାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀଙ୍କ ସମେତ ବିଜିନ୍ନ ମହଲରୁ ରଶ୍ମିତାଙ୍କୁ ଶୁଭେଚ୍ଛା ସୁଅ ଛୁଟିଛି । ବାଲିଆପାଳ ପାଇଁ ଗର୍ବ ଓ ଗୌରବର ମୁହୂର୍ତ୍ତ ଆଣିଦେଇଛି ।



ଆରମ୍ଭ

SEITHO ARAMBHA

ଶନିବାର, ୧୪ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭



ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘର ବୈଠକ ଅନୁଷ୍ଠିତ

ଯାଜପୁର, ୧୩/୧୧ (ଆ.ପ୍ର) : ଯାଜପୁର ସଦର ଥାନା ଅନ୍ତର୍ଗତ କଟିଙ୍ଗପୁର ଦକ୍ଷଇଲା ପଡ଼ିଆରେ ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘର ସାଂଗଠନିକ ବୈଠକ ଯାଜପୁର ଜିଲ୍ଲା ସଭାପତି ହିମାଂଶୁ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘର ସଭାପତି ମାଧବାନନ୍ଦ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଉପସଭାପତି ଯୁଧିଷ୍ଠିର ମଲ୍ଲିକ ଓ ସମ୍ପାଦକ ସୁଧାକର ଦେହେରା, ସୁଜୁ ସମ୍ପାଦକ ଦେବାଶ୍ରୀ ନାଏକ, କୋଷାଧ୍ୟକ୍ଷ ସଂଚାଳନ ଜେନା, ଶ୍ୟାମ ସୁନ୍ଦର ସିଂ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ଗ୍ରାମରକ୍ଷୀ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ସାର୍ବଜନିକ ଉତ୍ସବ ପୌରୋହିତ୍ୟ ପ୍ରଥା ଉଚ୍ଛେଦ କରି ରାଜ୍ୟ ସରକାର ଗ୍ରାମରକ୍ଷୀ ମାନଙ୍କୁ ନିଯୁକ୍ତି ଦେଇ ପ୍ରତ୍ୟେକ ଥାନା ଅଞ୍ଚଳରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଥମେ ମାସିକ



୧୫୦ ଟଙ୍କା ଓ ପରେ ୩୦୦ ଟଙ୍କା ଦିଆଯାଉଥିଲା ପୂର୍ବ ବିଜେଡି ସରକାର ଏହାକୁ ବଢ଼ାଇ ୧୮୦୦ ଟଙ୍କା ଦେଉଥିବାକୁ ବର୍ତ୍ତମାନ ରାଜ୍ୟ ସରକାର ଏହାକୁ ବଢ଼ାଇ ମାସିକ ୨୫୦୦ ଟଙ୍କା ଦିଆଯାଉଛି । ଗ୍ରାମରକ୍ଷୀମାନଙ୍କୁ ସରକାରୀ କର୍ମଚାରୀ ଭୂତେ ଗ୍ରୁପ୍ତର ନକରିବାକୁ ରାଜ୍ୟ ସଂଘ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ପରେ ସରକାର ଗ୍ରାମରକ୍ଷୀ ମାନଙ୍କୁ ମାସିକ ୬୦୦୦ ଟଙ୍କା ଦେବାକୁ ସ୍ଥିର କରିଥିଲେ ହେଲେ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇନାହିଁ । ଅପରପକ୍ଷେ ଗ୍ରାମରକ୍ଷି ମାନେ ବିଭିନ୍ନ ସମୟରେ ସରକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ଆସିଛି । ଏହି ସମସ୍ତ ସମସ୍ୟାକୁ ନେଇ ଆଲୋଚନା କରାଯାଇଥିଲା । ସାର୍ବଜନିକ ଉତ୍ସବ ପୌରୋହିତ୍ୟ ପ୍ରଥା ଉଚ୍ଛେଦ କରି ରାଜ୍ୟ ସରକାରଙ୍କ ଗ୍ରାମରକ୍ଷୀ ମାନଙ୍କୁ ନିଯୁକ୍ତି ଦେବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ଏହି ସମସ୍ୟା ଗୁଡ଼ିକ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଦାବିପତ୍ର ପ୍ରଦାନ କରାଯାଇଥିବା ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଏତଦବ୍ୟତୀତ ଏହି ଦାଲିମ ଶିବିରରେ ବିଭିନ୍ନ ସଙ୍ଗଠନ ମାମଲାରେ ପୋଲିସ ବିଭାଗର କର୍ମଚାରୀମାନେ ନ୍ୟାୟାଳୟରେ ବିଭିନ୍ନ ପ୍ରକାରର ସରକାରୀ ସମ୍ପତ୍ତିର କ୍ଷତି ସମ୍ପର୍କରେ ମାମଲା ରୁଜୁ କରିବା ଓ ସାକ୍ଷୀ ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୨୫୦ ଜଣ ଗ୍ରାମରକ୍ଷୀ ଯୋଗ ଦେଇଥିଲେ ।

୩୨୪୦ ଜଣ ନୂତନ ହିତାଧିକାରୀଙ୍କୁ ଭତା ବଂଟନ

ନିମାପଡା, ୧୩/୧୧ (ଆ.ପ୍ର) : ନିମାପଡା ବ୍ଲକ ପରିସରରେ ଆଜି ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉପସ୍ଥିତରହି ୩୨୪୦ ଜଣ ହିତାଧିକାରୀଙ୍କୁ ଭତା ବଂଟନ କରିଛନ୍ତି । ଉକ୍ତ ଭତା ବଂଟନ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଶଙ୍କର ଭୋଲ, ବିଡ଼ିଓ ଉଷ ଅରିନ୍ଦିତ ଷଡ଼ଙ୍ଗୀ, ଏନଏସି ସଂଂସଦଙ୍କ ପ୍ରତିନିଧି ମାନଲଡା ମହାନ୍ତି, ଏନଏସି ଅଧକ୍ଷା ସବିତା ସାହୁ, ଉପାଧକ୍ଷ ସତ୍ୟେନ୍ଦ୍ର କୁମାର ଦାଶ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିନ୍ଦୁ କୁମାର ଦାସ, ଜିପିଃ ଗୁଣନିଧି ମିଶ୍ର, ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ଜୟକୃଷ୍ଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ନିମାପଡା ବ୍ଲକର ବିଭିନ୍ନ ପଂଚାୟତର ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ୩୦୨୮ ଜଣଙ୍କୁ ପ୍ରଦାନ କରାଯାଇଥିବାବେଳେ ଏନସିର ୧୧ଟି ଗ୍ରାମର ୨୧୨ ଜଣ ଲୋକଙ୍କୁ ଭତା ପ୍ରଦାନ କରାଯାଇଛି ।

ନୂତନ ହୋଟେଲ୍ 'ଶ୍ରେୟା ସାନ୍ତି'ର ଫିତା କାଟି ଶୁଭ ଉଦଘାଟନ କଲେ ପୂର୍ବତନ ବିଧାୟକ



ବାସୁଦେବପୁର, ୧୩/୧୧ (ଆ.ପ୍ର) : ଦର୍ଶନ ବନ୍ଧୁ, ଖାଦ୍ୟପ୍ରେମୀଙ୍କ ପାଇଁ ଖୁସି ଖବର । ବାସୁଦେବପୁର ସହରରେ ଆରମ୍ଭ ହୋଇଛି ନୂତନ ହୋଟେଲ୍ 'ଶ୍ରେୟା ସାନ୍ତି' । 'ଶ୍ରୀୟା ଶାନ୍ତି ହୋଟେଲ'ର ଫିତା କାଟି ଶୁଭ ଉଦଘାଟନ କରେ ପୂର୍ବତନ ବିଧାୟକ ବିଶ୍ୱଭୂତ ରାଉତରାୟ, ଏଣ୍ଡିଜି ଗୋଟିଏ ଛାତ ତଳେ ମିଳିବ ଇଜିଜି ଇଜି ସୁସ୍ୱାଦୁ ଇଣ୍ଡିଆନ, ଚାଇନିଜ୍ ଓ ଠାରୁଣୀ ଖାଦ୍ୟ । ଏହି ନୂତନ ହୋଟେଲ୍‌ର ଶୁଭାରମ୍ଭକୁ ନେଇ ଅଂଚଳରେ ଖାଦ୍ୟପ୍ରେମୀଙ୍କ ମଧ୍ୟରେ ଉତ୍ସାହ । ବାସୁଦେବପୁର ସହରର ଏହି ଜଲଜ ଛକ ନିକଟରେ ଆରମ୍ଭ ହୋଇଛି ନୂତନ ହୋଟେଲ୍ 'ଶ୍ରେୟା ସାନ୍ତି' । ଅତ୍ୟାଧୁନିକ ପରିବେଶ ଓ ଆକର୍ଷଣୀୟ ସାଜସଜ୍ଜା ସହ ଗ୍ରାହକଙ୍କୁ ଉନ୍ନତମାନର ଖାଦ୍ୟ ପରିବେଷଣ କରିବା ଲକ୍ଷ୍ୟ ନେଇ ଏହି ହୋଟେଲ୍‌ର ଶୁଭାରମ୍ଭ କରାଯାଇଛି । ଏଠାରେ ଗ୍ରାହକମାନେ ଇଣ୍ଡିଆନ୍, ଚାଇନିଜ୍ ଏବଂ ଠାରୁଣୀ ଜଳି ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟର ମଜା ନେଇପାରିବେ । ପରିବାର, ବନ୍ଧୁବାନ୍ଧବ ଓ ଖାଦ୍ୟପ୍ରେମୀଙ୍କ ପାଇଁ ଏହା ଏକ ନୂତନ ଆକର୍ଷଣର ପାଲଟିବ ବୋଲି ଆଶା କରାଯାଇଛି । ନଭେମ୍ବର ୧୩ ତାରିଖ ଆଜି ଏହି ହୋଟେଲ୍‌ର ଗ୍ରାଣ୍ଡ ଓପନିଂ ଅନୁଷ୍ଠିତ ହୋଇଛି । ନୂତନ ଉଦ୍ୟୋଗ ସହ ବାସୁଦେବପୁରର ଖାଦ୍ୟ ବ୍ୟବସାୟ କ୍ଷେତ୍ରରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି । ବାସୁଦେବ ପୁର ସହରରେ ତେବେ ନୂଆ ଠିକଣା, ନୂଆ ସ୍ୱାଦ ଓ ନୂଆ ଅନୁଭୂତିକୁ ନେଇ ଖାଦ୍ୟପ୍ରେମୀଙ୍କ ଅପେକ୍ଷାରେ ହୋଟେଲ୍ ଶ୍ରେୟା ସାନ୍ତି ।

ବିଧାୟକଙ୍କ ତର୍ଜମା ବୈଠକ, ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ରହୁନି ବିଧାୟକଙ୍କ କଥା

ଚାଟଡିହି, ୧୩/୧୧ (ଆ.ପ୍ର) : ଶୁକ୍ରବାର ଦିନ ଅନୁଗୁପର ବିଧାୟକ ଅଭିମନ୍ୟୁ ସେଠୀ ଚାଟଡିହି ବ୍ଲକ ସଭା ଭବନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ କରିଥିଲେ । ଏଥିରେ କେନ୍ଦୁଝର ଜିଲ୍ଲାର କାର୍ଯ୍ୟ ତଦାରଖ ଅଧିକାରୀ କୁମାର ନାଗ କୃଷ୍ଣଣ ଯୋଗ ଦେଇଥିବା ବେଳେ ସେମାନଙ୍କ ସହ ଚାଟଡିହି ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ ଉପାଧକ୍ଷ ସୋମନାଥ ଦାସ ମଧ୍ୟ ଉପସ୍ଥିତ ରହିଥିଲେ । ଏହି ସଭାରେ ଚାଟଡିହି ବିଡ଼ିଓ ରଞ୍ଜନ କୁମାର ପଡ଼ିଡ଼ାଙ୍କ ସହ ଆନୁପୁର ବିଡ଼ିଓ ମନୋଜ କୁମାର ମହାନ୍ତ ଯୋଗ ଦେଇଥିଲେ । ଏହି ସଭା ରେ ଚାଟଡିହି ବ୍ଲକର ସମସ୍ତ ସଂସ୍ଥା, କନିଷ୍ଠ ସଂସ୍ଥାଙ୍କ ସହ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧ୍ୟ ଯୋଗ ଦେଇଥିଲେ । ବିଧାୟକ ଅଭିମନ୍ୟୁ ସେଠୀ ଚାଟଡିହି ବ୍ଲକର ସଂସ୍ଥାମାନଙ୍କୁ ସବୁ କାର୍ଯ୍ୟର ସଠିକ୍ ଭାବରେ ଜରିଡାକୁ ନିର୍ଦ୍ଦେଶ ଦେଇଥିବା ବେଳେ ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ କୌଣସି ଅଧିକାରୀ ବିଧାୟକ ଅଭିମନ୍ୟୁ ସେଠୀଙ୍କ କଥା ଶୁଣୁନଥିବା ଅଭିଯୋଗ ଆଣିଥିଲେ ।



ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ କୁମାର ନାଗ କୃଷ୍ଣଣଙ୍କୁ ସବୁ କଥା ଅବଗତ କରାଇବା ସହ ଯନ୍ତ୍ରୀମାନେ କାମ କରିବାକୁ ଗଲେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସେ କାମ କରିବାକୁ ମନା କରୁଥିବାରୁ ବିଧାୟକଙ୍କ ଗାଁରେ ଅନେକ ପ୍ରକଳ୍ପ ହୋଇ ପାରୁନଥିବା ଅଭିଯୋଗ କରିଛନ୍ତି । ବିଜୁ ଜନତା ଦଳର ବିଧାୟକ ଅଭିମନ୍ୟୁ ସେଠୀଙ୍କ କୌଣସି କଥା ରହୁ ନଥିବାରୁ ପତ୍ନୀ ସାବିତ୍ରୀ ସେଠୀ ମଧ୍ୟ ଚାଟଡିହି ବ୍ଲକ ଅଧିକାରୀ ମାନଙ୍କୁ ଅନେକ ସମୟ ଧରି ସଠିକ୍ ଢଙ୍ଗ ରେ କାର୍ଯ୍ୟ ନକରେ ଚିଡ଼ିମାନ୍ ବିଭାଗ ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି । ଯାହାକୁ ନେଇ ବିଧାୟକ ଅଭିମନ୍ୟୁ ସେଠୀ ରହିଥିଲେ ଆନୁପୁର ବ୍ଲକରେ ସବୁ ସଠିକ୍ ଭାବରେ କାର୍ଯ୍ୟ ଚାଲୁଥିବା ବେଳେ ଚାଟଡିହି ବ୍ଲକରେ ଅନେକ ରାଜନୀତି ଦେଖିବାକୁ ମିଳୁଛି ଏହାକୁ ବରଦାସ୍ତ କରାଯିବ ନାହିଁ । ଏହାକୁ ନେଇ ବ୍ଲକ ସଭା ମାନେ କହିଛନ୍ତି ରାଜନୀତି ଦେଖାରେ ଆମେ କିପରି ଚାଲିଚି ଉଲ୍ଲୁର ବର୍ତ୍ତମାନ କହୁଛୁ ତେଜେ ରେ ରହୁଛୁ । ଏପରେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ବିକାଶ କାର୍ଯ୍ୟ ଅତିକିଏ ନାହିଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଆଖିମୁଖ୍ୟ, ସେପରେ ଆନୁପୁର ବିଧାୟକଙ୍କ ଚାପରେ ତେପା ବ୍ଲକ ଅଧିକାରୀ ଯାହାକୁ ନେଇ ବ୍ଲକରେ ରାଜନୈତିକ ମହଲରେ ସାମାନ୍ୟ ଉତ୍ତପ୍ତତା ବୃଦ୍ଧି ପାଉଛି ବୋଲି ଚର୍ଚ୍ଚା ହେଉଛି ।

ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ମୁକ୍ତା ଜୟନ୍ତୀ ପାଳିତ



ବଣାଇଁ, ୧୩/୧୧ (ଆ.ପ୍ର) : ବଣାଇଁଡ଼ ସହରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୩୦ତମ ବାର୍ଷିକ ଉତ୍ସବ ତଥା ମୁକ୍ତା ଜୟନ୍ତୀ ଉତ୍ସବ ବିଦ୍ୟାଳୟର ଅଡିଟୋରିୟମ୍‌ଠାରେ ଅତ୍ୟନ୍ତ ଗୌରବମୟ ପରିବେଶରେ ପାଳିତ ହୋଇଯାଇଛି । ତିନି ଦଶାବ୍ଦିର ଶିକ୍ଷାଯାତ୍ରାକୁ ସ୍ମରଣ କରିବା ସହ ଶିକ୍ଷା, ସଂସ୍କାର ଓ ସାଂସ୍କୃତିକ ଚେତନାର ଏହି ଉତ୍ସବରେ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଖି ଉତ୍ସାହ ପରିଲକ୍ଷିତ ହୋଇଥିଲା । ଏହି ଉତ୍ସବରେ ବଣାଇଁଗଡ଼ ଡେପୁଟି କଲେକ୍ଟର ଶିବାଙ୍କୀ ଆନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଣାଇଁଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜାତା ମୁଖୁ, ଦେବସା ଜିଏଚ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍‌ର ଖଣି ପରିଚାଳକ ରାଜେଶ କୁମାର ପଟ୍ଟେଲ, ପିଟିଏ ଖଣି ପରିଚାଳକ ଟଙ୍କଧର ବେହେରା ଓ ବିଭୂତି ଭୂଷଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫୁଲ କୁମାର ମିଶ୍ର ସଭାରେ ଅଧକ୍ଷତା କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ସୁମଧୁର ସ୍ୱାଗତ ସଙ୍ଗୀତ ପରିବେଷଣ କରି ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ । ଏଥାପରେ ଅଧକ୍ଷ ପ୍ରଶାନ୍ତ ନାୟକ ସ୍ୱାଗତ ଅଭିଭାଷଣ ରଖିଥିଲେ । ଉତ୍ସବ ଅବସରରେ ଅତିଥିମାନେ ଶିକ୍ଷାର ମନ୍ଦ୍ର ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶରେ ଶିକ୍ଷାନୁଷ୍ଠାନର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସେମାନଙ୍କର ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ କଳାତ୍ମକ ପ୍ରଦର୍ଶନ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା । ଏହି ଅବସରରେ ବିଦ୍ୟାଳୟର ସାମ୍ପାଦିକା ସନ୍ଧ୍ୟାରାଣୀ ମିଶ୍ରଙ୍କ ସମେତ ଶିକ୍ଷକ ଦତ୍ତଙ୍କ ସାହୁ, ଅଷ୍ଟକ କୁମାର ଦାଶ, ଜରିତା ସେନ, ରଞ୍ଜିତା ସରାପ, ସନ୍ତୋଷ କୁମାର ସାହୁ, ଗୋବିନ୍ଦ କୁମାର ସାହୁ, ଜ୍ୟୋତିରଞ୍ଜନ ମହାନ୍ତ, ସସ୍ମିତା ମହାପାତ୍ର, ମଧୁସ୍ମିତା ମହାନ୍ତ, ଅଦିତ ମାଝୀ, ସଞ୍ଜୟ ସିଂ, ନିରୁପମା ସାହୁ, ସସ୍ମିତା ମହାନ୍ତି, ଜ୍ୟୋତ୍ସ୍ନାରାଣୀ ଗଡ଼ ନାୟକ, ଲକ୍ଷ୍ମୀପ୍ରିୟା ଢେଙ୍କେଲା, ଗୁଡିରାଣୀ ସେନାପତି, ରାଜୁ ଆପା, ଚନ୍ଦନ ପତି, ଚନ୍ଦ୍ରୟ ପୃଥ୍ୱ ଓ ଶିମ୍ପିକାନ୍ତ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହି ଉତ୍ସବର ସଫଳ ଆୟୋଜନରେ ସହଯୋଗ କରିଥିଲେ । ଉତ୍ସାଧକ ବନ୍ଦନରେ ମହାନ୍ତି ମଂଚ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ସଠିକ ତଦନ୍ତ ଓ ଦଣ୍ଡାଦେଶ ବୃଦ୍ଧିକୁ ନେଇ ଦାଲିମ ନେଲେ ଆର.ଉଦୟଗିରି ପୋଲିସ

ପାରଳାଖେମୁଣ୍ଡି, ୧୩/୧୧ (ଆ.ପ୍ର) : ନୂତନ ଅପରାଧିକ ଆଇନ କାର୍ଯ୍ୟକାରୀ ହେବା ପରେ ଜନସାଧାରଣଙ୍କୁ କିପରି ଦ୍ରୁତ ନ୍ୟାୟ ମିଳିପାରିବ ତଥା ବିଚାର ବ୍ୟବସ୍ଥା ଉପରେ ସମସ୍ତଙ୍କର ଆସ୍ଥା ପ୍ରକଟ ହୋଇପାରିବ, ସେହି କଥାକୁ ବିଶ୍ୱା କରି ତଥା ଗଜପତି ଏସପି ପ୍ରମୁଖଙ୍କ ସହାୟ ମାନଙ୍କ ନିର୍ଦ୍ଦେଶ ମୁତାବକ ଗତକାଲି ସନ୍ଧ୍ୟା ସମୟରେ ଗଜପତି ଜିଲ୍ଲା ନ୍ୟାୟାଳୟ ଭାରପ୍ରାପ୍ତ ଜ୍ୟଡ଼ଜ ପବିତ୍ର ପୁସିଲୁଟର ଚାରିଜଣ ବିଶିଷ୍ଟ ପୁଲିସ ଅଧକାରୀ ସମ୍ମିଳନୀ କୁମାର ମିଶ୍ରଙ୍କ ଅଧକାରୀତ୍ୱରେ ଆର.ଉଦୟଗିରି ଥାନା ପରିସରରେ ଏକ ଦାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ପାଖାପାଖି ଦୁଇ ଘଂଟା ଧରି ଚାଲିଥିବା ଏହି ବୈଠକରେ ଆର. ଉଦୟଗିରି ଥାନା ଅଧିକାରୀ କଳ୍ପନାରା ପ୍ରଧାନ, ସବ ଇନ୍‌ସପେକ୍ଟର ଲୋତୁକା ସେଠା, ରାଧୃଣ ବେଶ୍ରା, ଗଙ୍ଗାଧର ପ୍ରଧାନ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ । ଉକ୍ତ ବୈଠକରେ ମୁଖ୍ୟତଃ ବିଭିନ୍ନ ମାମଲାର



ତଦାଖବନା କିପରି ପ୍ରସ୍ତୁତ କରାଯିବ ଏବଂ ତଦନ୍ତ ପ୍ରକ୍ରିୟାରେ ଥିବା ତ୍ରୁଟି-ବିଚ୍ୟୁତିକୁ କିପରି ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ସହଯୋଗରେ ଯଥାସମ୍ଭବ ଠିକ କରାଯାଇପାରିବ, ସେ ସମ୍ପର୍କରେ ଏକ ଫଳପ୍ରଦ ଆଲୋଚନା କରାଯାଇଥିଲା । ଏହା ସହିତ ଜନସାଧାରଣଙ୍କ ନିକଟତର ହୋଇ କିପରି ଦ୍ରୁତିଶୀଘ୍ର ମାମଲା ତଥା ଅନ୍ୟ ଛୋଟ ଛୋଟ ମାମଲା ବୁଝମୁକ୍ତ ଗ୍ରାମରେ ସାମାଧାନ କରାଯାଇ ବୃଦ୍ଧିତ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରାଯାଇପାରିବ, ସେ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଏତଦବ୍ୟତୀତ ଏହି ଦାଲିମ ଶିବିରରେ ବିଭିନ୍ନ ସଙ୍ଗିନ ମାମଲାରେ ପୋଲିସ ବିଭାଗର କର୍ମଚାରୀମାନେ ନ୍ୟାୟାଳୟରେ ସଖ୍ୟଖ୍ୟାନ ଦେଇଥିବା ବିଭିନ୍ନ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ବିଭିନ୍ନ ଦିଗରୁ ଏହି ଦାଲିମ ଶିବିର ଅନୁଷ୍ଠିତ ହୋଇଯାଇଥିବାରୁ ଏହା ଏକ ଫଳପ୍ରଦ ଶିବିର ବୋଲି ଜଣାଯାଇଛି ଏବଂ ଏହି ଶିବିର ଜରିଆରେ ଜିଲ୍ଲାର ବିଭିନ୍ନ ଥାନାର ଅଧିକାରୀମାନେ ଉପକୃତ ହେବେ ବୋଲି ଆଶା କରାଯାଇଛି ।

ସୋନୁରାଣୀ ସାହୁ ରାଜ୍ୟ ସ୍ତରୀୟ ଶିକ୍ଷା ପୁରସ୍କାରରେ ସମ୍ମାନିତ



ନିଶ୍ଚିନ୍ତକୋଇଲି, ୧୩/୧୧ (ଆ.ପ୍ର) : ଶିକ୍ଷା କ୍ଷେତ୍ରରେ ନିଷ୍ପାପ ଶିକ୍ଷାଦାନ ପାଇଁ ରାଜ୍ୟସ୍ତରୀୟ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ରାମକୃଷ୍ଣପୁର-୩ ଉତ୍ତରପୁର ବିଦ୍ୟାଳୟର କଳା ଶିକ୍ଷୟିତ୍ରୀ ସୋନୁରାଣୀ ସାହୁ । ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଆୟୋଜିତ ରାଜ୍ୟ ସ୍ତରୀୟ ଉତ୍ସବରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମନୋନୀତ ହୋଇଥିବା ଶ୍ରେଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ସମ୍ମାନ ପାଇ ଶିକ୍ଷୟିତ୍ରୀ ସୋନୁରାଣୀ କତକ ଜିଲ୍ଲା ତଥା ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଅଂଚଳ ପାଇଁ ସୁଯୋଗ ଅର୍ଜନ କରିଥିବାରୁ ତାଙ୍କୁ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ, କତକ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମନୋରଂଜନ ବାରିକ, ଅଭିଜିତା ରାଉତ, ସନ୍ତୋଷ କୁମାର ସେଠୀ, ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର, ପ୍ରଧାନଶିକ୍ଷକ ନିମାଇଁଚରଣ ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ, ଚୌଧୁରୀ ରମାକାନ୍ତ ପ୍ରହରାଜ, ଶିକ୍ଷକ ଦିବଂକର ବଜାର, ଗୋମାଲିନ୍ ନାୟକ, ଶୁଭସ୍ମିତା ନାୟକ, ନିରାକାର ପୃଷ୍ଟି, ତନୁଶ୍ରୀ ନାୟକ, କଳ୍ପନା ମହାନ୍ତି, ପରିଚାଳନା କମିଟି ସଭାନେତ୍ରୀ ସସ୍ମିତା ସ୍ୱାଇଁ, ବିଦ୍ୟାଳୟ ଆଲୁମିନି ସଭ୍ୟ ରମେଶବତ୍ସ ସ୍ୱାଇଁ, ଶରତଚନ୍ଦ୍ର ନାୟକ, ଅଭିରାମ ମଲ୍ଲ, ଜଗମ ମଲିକ, ଲକ୍ଷ୍ମଣ କୁମାର ଲେଙ୍କା, ଅଶୋକ କୁମାର ଓଝା, ମନୋଜଂଜନ ସ୍ୱାଇଁ, ଆଲୋକଚନ୍ଦ୍ର ପ୍ରଧାନ, ସରଂଜ ଲାଗତା ସ୍ୱାଇଁ, ସମିତିସଭ୍ୟା ନର୍ମଦା ରାଉତଙ୍କ ସମେତ ବହୁ ଶିକ୍ଷାବିତ୍,



ଶୀର୍ଷକନ୍ଦ ଆରମ୍ଭ
SEITHO ARAMBHA



ଶନିବାର, ୧୪ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ମ୍ୟାଟ୍ ହେନରୀଙ୍କ ଆଗରେ ଟିମ ଇଣ୍ଡିଆର ଆତ୍ମସମର୍ପଣ



ନୂଆଦିଲ୍ଲୀ, ୧୩/୧୧(ନ୍ୟୁ.ଏ): ସିରିଜ ଜିତିବାକୁ ଟାର୍ଗେଟ ମିଳିଥିଲା ୩୩୪ । ହେଲେ ନ୍ୟୁଜିଲ୍ୟାଣ୍ଡର ଦ୍ରୁତ ବୋଲର ମ୍ୟାଟ ହେନରୀଙ୍କ ଆଗରେ ଆତ୍ମସର୍ପଣ କରି ଦେଲା ଟିମ ଇଣ୍ଡିଆ । ୩୩୪ ର'ଣ, ପୂରା ଦଳ ୧୦୦ ରନ କରାଇବାକୁ ମଧ୍ୟ ସକ୍ଷମ ହୋଇନି । ହେନରୀ ତପ୍ ଅର୍ଡର ସହ ମୋଟ ୬ ୱିକେଟ ଦଖଲ କରି ଭାରତକୁ ଏକତରଫା ଭାବେ ଏକାକୀ ୪୭ ଦିନିକିଆରେ ହରାଇ ଦେଇଛନ୍ତି । ଏହି ପରାଜୟ ସତ୍ତ୍ୱ ଏବେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ସିରିଜ୍ ୧-୨ ସ୍ଥିତିକୁ ଟାଣି ଆସିଛି ।

ଭାରତ ପ୍ରଥମ ଦୁଇଟି ମ୍ୟାଚ୍ ଜିତିଥିବା ବେଳେ ତୃତୀୟ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା । ଏବେ ୪୭ ଦିନିକି ଆକ୍ରୁ ନ୍ୟୁଜିଲ୍ୟାଣ୍ଡ ବିଜୟ ୨୪୪ ରନରେ ଜିତି ଗରୋଇ ମାଟିରେ ଜବରଦସ୍ତ ଜମତ୍କାର କରିଛି । ଏହା ଦିନିକିଆରେ ଭାରତର ମଧ୍ୟ ଦ୍ୱିତୀୟ ସର୍ବନିମ୍ନ ପରାଜୟ । ଏହାପୂର୍ବରୁ ୨୦୦୦ ମସିହାରେ ଢକ ଶ୍ରୀଲଙ୍କା ଠାରୁ ସାରକା ଦିନିକିଆରେ ୨୪୫ ରନରେ ହାରିଥିଲା । ଏବେ ନ୍ୟୁଜିଲ୍ୟାଣ୍ଡ ଠାରୁ ଦଳ ୨୪୪ ରନରେ ହାରିଛି । ସିରିଜ ୨-୧ ସ୍ଥିତିରେ ଥିବା ବେଳେ ରବିବାର ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଖେଳାଯିବ ଶେଷ ମ୍ୟାଚ୍ । ଏହି ମ୍ୟାଚ୍ ଉଭୟ ଦଳ ପାଇଁ କ'ଡ ବା ମର ପରିସ୍ଥିତି ।

ଷ୍ଟେ ପୁସ୍ତତି ପାଇଁ ଭାରତୀୟ ଟିମର ନିୟମିତ ଅଧିନାୟକ ଶୁବମନ ଗିଲ୍ ଅଜିର ମ୍ୟାଚରେ ନଥିବାରୁ ଶ୍ରେୟସ ଆୟର ଦଳର କମାଣ ସମ୍ଭାଳିଥିଲେ । ଟସ୍ ଜିତି ସେ ବୋଲିଂ ନିଷ୍ପତ୍ତି ନେଇଥିଲେ ହେଁ ଭାରତୀୟ ବୋଲମାନେ ଆରମ୍ଭରୁ ସମସ୍ତଙ୍କୁ ନିରାଶ କରିଥିଲେ । ଡ୍ୱିଲ ୟଙ୍ଗ ଓ ଟିମ ସେଇଫର୍ଟ ଦମଦାର ବ୍ୟାଟିଂ କରି ପ୍ରଥମ ୱିକେଟ ପାଇଁ ଯୋଡ଼ିଥିଲେ ୮୫ ରନ । ସେଇଫର୍ଟ ୫୮ ରନ କରି ଗୁରୁତ୍ୱପୂର୍ଣ୍ଣ ଭାବଙ୍କ ବଲରେ ଆଉଟ ହେବା ପରେ ନ୍ୟୁଜିଲ୍ୟାଣ୍ଡ ମିଳି ଜୋରାପର ପଚାଶୀନ ହୋଇଥିଲା । କିନ୍ତୁ ଡ୍ୱିଲ ୟଙ୍ଗ ଦମଦାର ଶତକ ହାତଛଡ କରିଥିଲେ । ତାଙ୍କୁ ମଧ୍ୟକ୍ରମରେ ଫିନ ଆଲେନ(୪୧) ଦମଦାର ସାଥ ଦେଇଥିଲେ । ୟଙ୍ଗ ୧୦୮ ବଲରେ ୧୦୫ ରନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ମିଚେଲ ସାଂଟନର ୨୪ ଓ କ୍ରିଷ୍ଚିଆନ କ୍ଲାର୍କ ୨୯ ରନର ଇନିଂସ ଖେଳିଥିଲେ । ଶେଷରେ ନ୍ୟୁଜିଲ୍ୟାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ସମସ୍ତ ୱିକେଟ ହରାର ବିନିମୟରେ ୩୩୩ ରନ କରିଥିଲା । ଭାରତ ପାଇଁ ଅଦ୍ଭିକ ନବି, ଚ୍ରାର ଓ ଅକ୍ଷର ପଟେଲ ୨ଟି ଲେଖାଏ ୱିକେଟ ନେଇଥିବା ବେଳେ ନମନ ଧୀର ଓ ଅର୍ଶଦୀପଙ୍କୁ ଗୋଟିଏ ଲେଖାଏ ସଫଳତା ମିଳିଥିଲା । ନ୍ୟୁଜିଲ୍ୟାଣ୍ଡ ବୋଲିଂ ଆକ୍ରମଣର ମେରୁଦଣ୍ଡ ଭାଙ୍ଗିଥିଲେ ଜେକବ ଡଫି । ତାଙ୍କୁ ଅଟ କରିଥିଲେ କାୟଲ ଜାମିସନ । ଏହାପରେ ଈଶାନ କିଶନ ଓ ଅକ୍ଷର ପଟେଲ ସ୍ପିଡି ସମ୍ଭାଳିବାକୁ ଚେଷ୍ଟା କରିଥିଲେ । ରନ ଅପେକ୍ଷା ଉଭୟ ବ୍ଲିକ୍ରେଜ ସମୟ ବିତାଇବାକୁ ଚାହିଁଥିଲେ । କିନ୍ତୁ ଦଳୀୟ ସ୍କୋର ୫୩ ଥିବା ବେଳେ ୨୧ ରନ କରି ମାଥ୍ୟୁ ଫିଶରଙ୍କ ବଲରେ ଆଉଟ ହୋଇଥିଲେ ଅକ୍ଷର । ପରବର୍ତ୍ତୀ ଓଭରରେ ହେନରୀ ୨୨ ରନ କରିଥିବା ଈଶାନ କିଶନଙ୍କୁ ବୋଲ୍ଡ କରି ଦେଇଥିଲେ । ନମନ ଧୀର ଦୁଇଟି ଛକା ମାଡି ୨୧ ରନ କରିବା ପରେ ଫିଶରଙ୍କ ଶିକାର ହୋଇଥିଲେ । ଏହାପୂର୍ବରୁ ସେ ନବି(୫)ଙ୍କ ୱିକେଟ ନେଇଥିଲେ । କ୍ଷେତ୍ରରେ ହେନରୀ କୁଲଦୀପ ଯାଦବ(୧) ଓ ହାର୍ଦ୍ଦିକ(୨)ଙ୍କୁ ବୋଲ୍ଡ କରି ଭାରତୀୟ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ । ହେନରୀ ଏକାକୀ ୬ ୱିକେଟ ନେବାରୁ ଭାରତ ୨୬.୪ ଓଭରରେ କେବଳ ୮୯ ରନ କରିବାକୁ ସକ୍ଷମ ହୋଇଥିଲା । ହେନରୀ ୯.୪ ଓଭରରେ ମାତ୍ର ୨୨ ରନ ଦେଇ ହାସଲ କରିଛନ୍ତି ୬ଟି ୱିକେଟ ।

୪ ବଲରେ ଶୂନ: ସଚିନଙ୍କ ଲଜ୍ଜାଜନକ ରେକର୍ଡର ସମକକ୍ଷ ହେଲେ ବିରାଟ କୋହଲି



ନୂଆଦିଲ୍ଲୀ, ୧୩/୧୧(ନ୍ୟୁ.ଏ): ଲଜ୍ଜାଜନକ ରେକର୍ଡର ଅଧିକାରୀ ହୋଇଛନ୍ତି ବିରାଟ କୋହଲି । ସବୁବେଳେ ନିଜ ଇନିଂସ ବଜରେ ନୂଆ ଜାର୍ଣ୍ଣିମାନ ସାଉଛ କରୁଥିବା ବିରାଟ ଆଜି ବିପରୀତ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି । ସେ ନିଜ କ୍ୟାରିୟରରେ ଶିମଦଡା କ୍ରିକେଟର ସଚିନ ତେନ୍ଦୁଲକର ସୃଷ୍ଟି କରିଥିବା ଅନେକ ଐତିହାସିକ ରେକର୍ଡକୁ ତେଜ କରି ଚାଲିଛନ୍ତି । ହେଲେ ଶୁକ୍ରବାର ସେ ସଚିନଙ୍କ ଗୋଟିଏ ଲଜ୍ଜାଜନକ ରେକର୍ଡର ସମକକ୍ଷ ହୋଇଛନ୍ତି । ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୪ର୍ଥ ଦିନିକିଆରେ ବିରାଟ ୪ଟି ବଲ୍ ସାମ୍ନା କରିଥିବା ବେଳେ ମ୍ୟାଚ ଦେନାଙ୍କ ବଲ୍ ?ରେ କ୍ଲିନବୋଲ୍ଡ ହୋଇଯାଇଛନ୍ତି । ଭାରତ ମଧ୍ୟ ୨୪୪ ରନରେ ୪ର୍ଥ ଦିନିକିଆ ପରାଜୟ ସାମ୍ନା କରିଛି । ଏହାପୂର୍ବରୁ ସେ ନବି(୫)ଙ୍କ ୱିକେଟ ନେଇଥିଲେ । ଏହା ଦିନିକିଆରେ ୨୬ ବର୍ଷ ମଧ୍ୟରେ ଭାରତର ସବୁଠାରୁ ବଡ଼ ପରାଜୟ । ଏହାପୂର୍ବରୁ ବଳ ୨୦୦୦ ମସିହାରେ ଶ୍ରୀଲଙ୍କା ଠାରୁ ସାରକା ଦିନିକିଆରେ ୨୪୫ ରନରେ ହାରିଥିଲା । ଭାରତ ଲଜ୍ଜାଜନକ ରେକର୍ଡ ମୁଖାଛ ଥିବା ବେଳେ ବିରାଟ ମଧ୍ୟ ଏଥିରୁ ବର୍ଦ୍ଦି ନାହାନ୍ତି । ଅନ୍ତର୍ଜାତୀୟ କ୍ରିକେଟରେ ବିରାଟ ଶୂନ୍ୟ ହାତରକୁ ମିଶାର ୨୦ଥର ପାଇଁ ଡକ୍ ବା ଶୂନରେ ଆଉଟ ହୋଇଛନ୍ତି । ସଚିନ ତେନ୍ଦୁଲକର ମଧ୍ୟ ନିଜ ଲମ୍ବା କ୍ୟାରିୟରରେ ୨୦ ଥର ଶୂନରେ ଆଉଟ ହୋଇଥିଲେ । ବିରାଟ ଆଜି ତାଙ୍କ ସମକକ୍ଷ ହୋଇଥିବା ବେଳେ ଆଉ କୌଣସି ଭାରତୀୟ ବ୍ୟାଟର ଏତେଥର ଅନ୍ତର୍ଜାତୀୟ କ୍ରିକେଟରେ ଶୂନରେ ଆଉଟ ହୋଇନାହାନ୍ତି । ସର୍ବାଧିକ ଥର ଶୂନରେ ଆଉଟ ହୋଇଥିବା ତାଲିକାର ୧ ନମ୍ବର ସ୍ଥାନରେ ବିରାଟଙ୍କ ନାଁ ରହିଛି । କାରଣ ସେ ଏଯାଏ ୩୨୧ଟି ମ୍ୟାଚ୍ ଖେଳି ୨୦ ଥର ଶୂନରେ ଆଉଟ ହୋଇଛନ୍ତି । ସଚିନ ତାଙ୍କ କ୍ୟାରିୟରରେ ୪୬୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୨୦ ଥର ଶୂନରେ ଆଉଟ ହୋଇଥିଲେ । ତେଣୁ ବିରାଟ ୧ ନମ୍ବର ଓ ଦ୍ୱିତୀୟ ସଚିନ ରହିଛନ୍ତି । ୧୯ଥର ଶୂନରେ ଆଉଟ ହୋଇ ଦୁଇ ଭୋଜର ତାଲିକାରେ ଶ୍ରୀନାଥ ତୃତୀୟ ଓ ଅନ୍ୟମାନେ ଏବଂ ରୋହିତ ଶର୍ମା ଭାରତ ପାଇଁ ୧୮ଥର ଲେଖାଏ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଛନ୍ତି । ଭୌତବଳର ବିଷୟ ହେଉଛି ଯେ ଆଜି ବିରାଟଙ୍କ ଭଳି ରୋହିତ ମଧ୍ୟ ମ୍ୟାଚ ଦେନାଙ୍କ ବଲରେ ଶୂନରେ ଆଉଟ ହୋଇଛନ୍ତି । ସେ ଇନିଂସର ପ୍ରଥମ ବଲରେ ଆଉଟ ହୋଇଥିଲେ । ରୋହିତ ପ୍ରଥମ ବଲରେ ଆଉଟ ହେବା ପରେ ହେନରୀଙ୍କୁ ସାମ୍ନା କରିବାକୁ ଆସିଥିଲେ ବିରାଟ । ପ୍ରଥମ ୩ଟି ବଲକୁ ସେ ସୁରୁଟ କରି ବିରାଟଙ୍କୁ ଘାଇଲା କରିଥିଲେ । ଏଥାପରେ ସେ ତିନ ବଦଳାର ଇନ ସୁଟ୍ ମାରିବାକୁ ବିରାଟଙ୍କ ମଝି ଷ୍ଟମ୍ପ ଉଡି ଯାଇଥିଲା ।ପରବର୍ତ୍ତୀ ବଲରେ ସେ ଶ୍ରେୟସ ଆୟରଙ୍କୁ ମଧ୍ୟ ଏଲବିଡବ୍ୟୁ କରିଥିଲେ । ଏହି ମ୍ୟାଚରେ ଦେନା ଏଯାଏ ୩ ୨୦ ଜନଙ୍କ ଉପରେ ୬ଟି ୱିକେଟ ନେଇଛନ୍ତି । ଏଥିଯୋଗୁ ଭାରତ ୩୩୪ ରନର ପିଛା କରୁଥିବା ବେଳେ କେବଳ ୮୯ ରନରେ ଅଲଆଉଟ ହୋଇ ଲଜ୍ଜାଜନକ ପରାଜୟର ସାମ୍ନା କରିଛି ।

ଯୁବ ଅଲିମ୍ପିକ୍ସ: ଭାରତକୁ ୨ ସ୍ୱର୍ଣ୍ଣ ସହ ୧୦ ପଦକ



ଡାକାର, ୧୩/୧୧(ନ୍ୟୁ.ଏ): ସେନେଗାଲର ଡାକାରରେ ଶେଷ ହୋଇଥିବା ଯୁବ ଅଲିମ୍ପିକ୍ସରେ ଭାରତୀୟ ଖେଳାଳିମାନେ ଐତିହାସିକ ସଫଳତା ହାସଲ କରିଛନ୍ତି । ମାତ୍ର ୧୨ ଜଣିଆ ଭାରତୀୟ ଦଳରୁ ୯ ଜଣ ଖେଳାଳି ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ କାଂସ୍ୟ ସହ ମୋଟ ୧୦ ପଦକ ଜିତି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ଏହା ଯୁବ ଅଲିମ୍ପିକ୍ସରେ ଭାରତର ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନ । ୨୦୧୮ରେ ଭାରତ ୪୬ ଜଣିଆ ଦଳ ପଠାଇଥିଲା ବେଳେ ୧୩ ପଦକ ମିଳିଥିଲା । ଏଥର ଛୋଟ ଦଳ ନେଇ ଭାରତ ୧୦ ପଦକ ଜିତିଛି । ଏହି ସଂସ୍କରଣରେ ଅନେକ ଖେଳାଳି ପ୍ରଥମ ଥର ପାଇଁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ । ଏଥର ମୁଖ୍ୟତଃ ୧୭ ବର୍ଷରୁ ୧୮ ବର୍ଷ ବୟସର ୨୭୦୦ରୁ ଊର୍ଦ୍ଧ୍ୱ ଖେଳାଳି ୨୫ ଖେଳାଧୂଳାରେ ଅଂଶଗ୍ରହଣ କରିଥିଲେ ।

ପଦକ ବିଜେତା ଭାରତୀୟ: ଅନେକର ମିତେଇ, ଜ୍ଞାନ୍ତିକ (ସ୍ୱର୍ଣ୍ଣ), ଖୁସବୁ ରାଜାଲାଲ ଦର୍ଜାଦା, ତନ୍ମୟ ପତ୍ରୀ (ରୌପ୍ୟ), ଧାମିଧ୍ୟ ଦେଶିଙ୍ଗୁ (୨), ରାଜକୁମାର ଲାଟନଚୁରି ଚାନୁ, ତାଇଁଜ ପେଗୁ, ଚାଲିୟା, ଶୌର୍ଯ୍ୟା ଅମ୍ବୁରେ (କାଂସ୍ୟ) ।

ସଂସଦର ସ୍ୱତନ୍ତ୍ର ଅଧିବେଶନ ନେଇ ବିରୋଧୀଙ୍କୁ ଜଣାଯାଇନାହିଁ : ପ୍ରିୟଙ୍କା



ସ୍ତ୍ରାୟନାଡ, ୧୩/୧୧(ନ୍ୟୁ.ଏ): ନିର୍ବାଚନନମଣ୍ଡଳୀର ସୀମା ପୁନଃନିର୍ଦ୍ଧାରଣ ବିଧେୟକ ଉପରେ ଆଲୋଚନା ପାଇଁ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କେନ୍ଦ୍ର ସରକାର ଯୋଜନା କରୁଥିବା ନେଇ ଚର୍ଚ୍ଚା ହେଉଥିବାବେଳେ ବିରୋଧୀ ଦଳଗୁଡିକୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ ବୋଲି କହିଛନ୍ତି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଡ଼ା । ଶୁକ୍ରବାର କେରଳର ୱାୟନାଡ଼ ଗସ୍ତ ସମୟରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ସେ ଏହା କହିଛନ୍ତି । ଚାଲିଦିନିଆ ଗସ୍ତରେ ଥିବା ପ୍ରିୟଙ୍କାଙ୍କୁ ସଂସଦର ସାମ୍ପ୍ରତିକ ସ୍ୱତନ୍ତ୍ର ଅଧିବେଶନ ସମ୍ପର୍କରେ ପଚରାଯିବାରୁ ସେ କହିଥିଲେ, ସରକାର ଆମକୁ ଏ ବିଷୟରେ କିଛି ଜଣାଇ ନାହାନ୍ତି । ଯଦି ସେମାନେ ଏଭଳି ଯୋଜନା କରୁଛନ୍ତି, ତେବେ ମୋ ପାଖରେ ଏ ସମ୍ପର୍କରେ କୌଣସି ସୂଚନା ନାହିଁ । ସଂସଦର ସ୍ୱତନ୍ତ୍ର ଅଧିବେଶନ ନେଇ ଏହି ଚର୍ଚ୍ଚାନ ଏପରି ଏକ ସମୟରେ ଆସିଛି, ଯେତେବେଳେ କେନ୍ଦ୍ର ସରକାର ମହିଳା ସଂରକ୍ଷଣ ଓ ନିର୍ବାଚନମଣ୍ଡଳୀର ସୀମା ପୁନଃନିର୍ଦ୍ଧାରଣ ସମ୍ପର୍କିତ ବିଧେୟକକୁ ପୁଣିଥରେ ସଂସଦରେ ଆଗତ କରିବାକୁ ବିଚାର କରୁଥିବା ଖବର ପ୍ରକାଶ ପାଇଛି । ଏହି ପ୍ରସଙ୍ଗରେ ସରକାର ସର୍ବଦଳୀୟ ବୈଠକ ଡାକି ଆଲୋଚନା କରନ୍ତୁ ବୋଲି କଂଗ୍ରେସ ଦାବି କରିଛି । ଏହା ସହିତ କେନ୍ଦ୍ର ସରକାରଙ୍କ ବିରୋଧରେ ଗଠିତ ଏହି ବିରୋଧୀ ଦଳଗୁଡ଼ିକର ଆନ୍ଦୋଳନ ସମ୍ପର୍କରେ ମଧ୍ୟ ପ୍ରିୟଙ୍କା ମତ ରଖିଛନ୍ତି । ନିଜର ମତ ପ୍ରକାଶ କରୁଥିବା ଲୋକଙ୍କ ସ୍ୱରକୁ ଦମନ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଗତ କିଛି ମାସ ହେଲା ଯେଉଁମାନେ କିଛି କହିବାକୁ ଚାହୁଁଛନ୍ତି, ସେମାନଙ୍କୁ ବୁପ୍ କରାଯିବା ଆସୁଥିବା ବୋଲି ସେ କହିଛନ୍ତି । ସମ୍ବିଧାନ ଓ ଏହାର ମୂଲ୍ୟବୋଧର ସୁରକ୍ଷା ପାଇଁ କଂଗ୍ରେସ ଲଢ଼େଇ କରୁଛି ବୋଲି କହିବା ସହ ଦେଶର ସାମ୍ବିଧାନିକ ମୂଲ୍ୟବୋଧକୁ ସୁରକ୍ଷା ଦେଉଥିବା ଅନୁଷ୍ଠାନଗୁଡ଼ିକୁ ବିଜେପି ସୁଚିନ୍ତିତ ଭାବେ ପୂର୍ବତନ କରୁଥିବା ସେ ଅଭିଯୋଗ ଆଣିଛନ୍ତି । ତେବେ ସ୍ୱତନ୍ତ୍ର ସଂସଦ ଅଧିବେଶନ ଡାକିବା ସମ୍ପର୍କରେ ସରକାରଙ୍କ ପକ୍ଷରୁ ଏଯାଏଁ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ ।

ସରକାରଙ୍କ ପାରା କ୍ରୀଡ଼ା ନୀତିକୁ ପ୍ରମୋଦଙ୍କ ନାପସନ୍ଦ



ଭୁବନେଶ୍ୱର, ୧୩/୧୧ (ଆ.ପ୍ର) : ନିକଟରେ ପାରା ଏସୀୟ କ୍ରୀଡ଼ାରେ ଗୋପ୍ୟ ଓ କାଂସ୍ୟ ପଦକ ଜିତିଥିବା ପ୍ରମୋଦ ରଗଡ ଗୁରୁବାର ଓଡ଼ିଶା ଫେରିବା ପରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ନୀତିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆଇଟି-ନାଗୋୟାରେ ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିବା ଏହି ଟୋକିଓ ଅଲିମ୍ପିକ ବିଜେତା ୧୫ ଦିନ ହେଲା ଦେଶରେ ପହଂଚିଥିଲେ ମଧ୍ୟ ଓଡ଼ିଶା ସରକାର ତାଙ୍କୁ ସମ୍ବର୍ଦ୍ଧିତ କରି ନଥିବାରୁ ଖୋଲ ପ୍ରକାଶ କରିଛନ୍ତି । ଗୁରୁବାର ସେ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିବା ପରେ କ୍ରୀଡ଼ା ବିଭାଗ ପକ୍ଷରୁ କିଛି ବରିଷ୍ଠ ଅଧିକାରୀ ଅବଶ୍ୟ ତାଙ୍କୁ ସ୍ୱାଗତ କରିଥିଲେ । ଗୁରୁତ୍ୱାର ଏକ ସାମାଜିକ ସଞ୍ଜିଳନୀରେ ପ୍ରମୋଦ କହିଛନ୍ତି ଯେ ମୋତେ ଭାଗୁଛି ଓଡ଼ିଶା ସରକାର ପାରା କ୍ରୀଡ଼ାବିତ୍ତଙ୍କ ପ୍ରତି ଅବହେଳା ଓ ପକ୍ଷପାତିତା କରୁଛନ୍ତି । ସରକାର ପ୍ରତିଯୋଗିତା ଆୟୋଜନ ପାଇଁ ରାଜ୍ୟ ପାରା କ୍ରୀଡ଼ା ସଂସ୍ଥକୁ ସହଯୋଗ କରୁନ୍ଥି । କିନ୍ତୁ ସାଧାରଣ କ୍ରୀଡ଼ାବିତ୍ତଙ୍କ ଭଳି ପାରା କ୍ରୀଡ଼ାବିତ୍ତଙ୍କ ପାଇଁ ସେଇଭଳି କିଛି ନୀତି ଥିବା ମୋତେ ଜାଣିନି । ପାରା କ୍ରୀଡ଼ାରେ ବୃଣମୂଳ ସ୍ତରରୁ ପ୍ରତିଭା ଅନ୍ୱେଷଣ କରି ଆଗକୁ ବଢ଼ିବାରେ ସହଯୋଗ ଓଡ଼ିଶା ସରକାର କରୁନାହାନ୍ତି । ପ୍ରମୋଦ ପୁଣି କହିଛନ୍ତି ଯେ ମୁଁ ରାଜ୍ୟର ଏକମାତ୍ର ଖେଳରତ୍ନ ପୁରସ୍କାର ବିଜେତା । ହେଲେ ଦୁଇ ବର୍ଷ ହେବ ମୋତେ କୌଣସି ପ୍ରୋତ୍ସାହନ ରାଶି ମିଳିନି । ଆଇଟି-ନାଗୋୟା ପାରା ଏସୀୟ କ୍ରୀଡ଼ାର ଆମ ସମସ୍ତ ପଦକ ବିଜେତାଙ୍କୁ ପ୍ରଧାନମନ୍ତ୍ରୀ ନଉଜେ ମୋଦୀ ସମ୍ବର୍ଦ୍ଧିତ କରିଛନ୍ତି । ରାଜ୍ୟ ସରକାରଙ୍କ ତରଫରୁ କିନ୍ତୁ ସମ୍ମାନ ବିକିଏ ମିଳିଲାନି । ପୂର୍ବରୁ ଦଳର ସ୍ପିଡିରେ ସୁଧାର ହେବାର ଅନ୍ୟତମ କାରଣ ହେଉଛି ଏଆଇକୁ ନେଇ ରହିଥିବା ଉତ୍ସାହ ମାତ୍ରା ପର୍ଦ୍ଦା । ତାଇୱାନ ଓ ଦକ୍ଷିଣ କୋରିଆରେ ନିବେଶକମାନେ ଏଆଇ କମ୍ପାନିର ସେୟାରଗୁଡ଼ିକୁ ବିପୁଳ ପରିମାଣରେ ବିକ୍ରି କରିଛନ୍ତି । ଫଳରେ ସେହି ଦୁଇ ଦେଶର ଷ୍ଟକ୍ ବଜାର ସୂଚକାଙ୍କରେ ବଡ଼ ଧରଣର ହ୍ରାସ ହୋଇଛି । ସମ୍ବତଃ ନିବେଶକମାନେ ସେଠାରୁ ପ୍ରତ୍ୟାହାର କରିଥିବା ପାଣ୍ଠିକୁ ଭାରତୀୟ ବଜାରରେ ନିବେଶ କରିଥିବା ଅନୁମାନ କରାଯାଇଛି । ଗତ ଅକ୍ଟୋବରରେ ବିଦେଶୀ ନିବେଶକମାନେ ତାଇୱାନ ବଜାରରୁ ୩୦.୬୮ କୋଟି ଡଲାର ଓ ଦକ୍ଷିଣ କୋରିଆରୁ ୧୪୫୯ କୋଟି ଡଲାର ପ୍ରତ୍ୟାହାର କରିଥିଲେ । ଅନ୍ୟ ପକ୍ଷରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେ ?ର ଦରରେ ଘଟିଥିବା ସୁଧାର ମଧ୍ୟ ଭାରତୀୟ ଅର୍ଥନୀତି ପାଇଁ ଲାଭଦାୟକ ହୋଇଛି । ତାହା ନିବେଶକମାନଙ୍କ ମନୋବଳ ବଢ଼ାଇବାରେ ସହାୟକ ହୋଇଛି ।

ଦିଲ୍ଲୀରେ ବାୟୁ ପ୍ରଦୂଷଣ ସାଂଘାତିକ, ଏକ୍ୟୁଆଇ ୪୦୦ ଟପିଲା



ନୂଆଦିଲ୍ଲୀ, ୧୩/୧୧(ନ୍ୟୁ.ଏ): ଦିଲ୍ଲୀରେ ବାୟୁ ପ୍ରଦୂଷଣ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ହୋଇପଡ଼ିଛି । ଶୁକ୍ରବାର ସକାଳେ ରାଜଧାନୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ଅତିକ୍ରମ କରିବା ସହ 'ସାଂଘାତିକ' ବର୍ଗରେ ପହଂଚିଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ତଥ୍ୟ ଅନୁଯାୟୀ, ଶୁକ୍ରବାର ସକାଳ ୬ଟା ୫ ମିନିଟ୍‌ରେ ଦିଲ୍ଲୀର ଯାହାଘାରି ଏକ୍ୟୁଆଇ ୪୦୩ ରେକର୍ଡ କରାଯାଇଥିଲା । ସକାଳ ୮ଟା ଓ ୯ଟାରେ ମଧ୍ୟ ଏହା ସମାନ ସ୍ତରରେ ରହିଥିଲା । ଘନ ଧୂଆଁ ଓ କୁହୁଡ଼ିର ଆସ୍ତରଣରେ ସମଗ୍ର ରାଜଧାନୀ ଢାକି ହୋଇଯାଇଥିବାରୁ ଗାସ୍ତାଘାତରେ ଦୃଶ୍ୟମାନତା ହ୍ରାସ ପାଇଛି । ସିପିସିବିର ତଥ୍ୟ ଅନୁସାରେ, ଦିଲ୍ଲୀର ୫୮ଟି ବାୟୁ ଗୁଣବତ୍ତା ମାପକ କେନ୍ଦ୍ର ମଧ୍ୟରୁ ୩୩ଟିରେ ପ୍ରଦୂଷଣ ସାଂଘାତିକ ସ୍ତରରେ ରହିଥିଲା । ଦିଲ୍ଲୀ ଆଇଆଇଟି ଅଂଚଳରେ ସର୍ବାଧିକ ୪୮୮ ଏକ୍ୟୁଆଇ ରେକର୍ଡ ହୋଇଥିବାବେଳେ ଚାନ୍ଦିନୀଚୌକରେ ୪୭୯ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଉତର କ୍ୟାମ୍ପସ୍‌ରେ ୪୭୮ ରହିଥିଲା । ସେହିପରି ପୁସାରେ ୪୬୮, ବୁଟାରି ରୁଦ୍ରିଂରେ ୪୫୬, ଆଇଟିଓ ଓ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ ଅଂଚଳରେ ୪୫୧ ଏକ୍ୟୁଆଇ ରେକର୍ଡ କରାଯାଇଥିଲା । ଗୁରୁତ୍ୱାର ମଧ୍ୟ ଦିଲ୍ଲୀର ବାୟୁ ମାନରେ ଦ୍ରୁତ ଅବନତି ହୋଇଥିଲା । ମାତ୍ର ୨୪ ଘଂଟା ମଧ୍ୟରେ ବାୟୁରେ ଥିବା କ୍ଷୁଦ୍ର ଧୂଳିକଣା ପିଏମ୍ ୨.୫ର ପରିମାଣ ଦ୍ରୁତଗତିରୁ ଅଧିକ ବୃଦ୍ଧି ପାଇ ସନ୍ଧ୍ୟା ୬ଟା ସୁଦ୍ଧା ଘନମିଟର ପିଛା ୨୪୪ ମାଇକ୍ରୋଗ୍ରାମ୍‌ରେ ପହଂଚିଥିଲା । ଏହା ଭାରତୀୟ ମାନକଠାରୁ ପ୍ରାୟ ଚାରିଗୁଣ ଅଧିକ । ପବନର ବେଗ କମ୍ ରହିବା ଏବଂ ବାୟୁମଣ୍ଡଳର ନିମ୍ନସ୍ତରରେ ପ୍ରଦୂଷିତ ବାୟୁ ଅଟକି ରହିବା ଯୋଗୁଁ ଏହାର ନିଷ୍ପାରନ ହୋଇପାରୁନାହିଁ । ଏହା ସହ ପଞ୍ଜାବ ଓ ହରିୟାଣାରେ ନଡ଼ାପୋଡ଼ି ମଧ୍ୟ ପ୍ରଦୂଷଣ ବୃଦ୍ଧିର ଅନ୍ୟତମ କାରଣ ହୋଇଛି । ନାସାର ଉପଗ୍ରହ ତଥ୍ୟ ଅନୁଯାୟୀ, ଅକ୍ଟୋବର ୧ରୁ ନଭେମ୍ବର ୧୨ ମଧ୍ୟରେ ପଞ୍ଜାବରେ ୩,୭୨୯ ଓ ହରିୟାଣାରେ ୩୭୮ଟି ନଡ଼ାପୋଡ଼ି ଘଟଣା ଚିହ୍ନଟ ହୋଇଛି । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନଭେମ୍ବର ୬ରୁ ଦିଲ